


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 May 2024
Vol.No. 35 ■ No.117 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସୁପ୍ରିମକୋର୍ଟଙ୍କ ପ୍ରଶ୍ନବାଣରେ ଇଡି ଘାଇଲା

## ◆ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫ ସମୟ ଉପରେ ପ୍ରଶ୍ନ ଉଠାଇଲେ କୋର୍ଟ
## ◆ଶୁକ୍ରବାର ଜବାବ ଦାଖଲ ପାଇଁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୩୦/୪ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ନିଜର ଗିରଫଦାରୀ ବିରୋଧରେ କରିଥିବା ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ ସର୍ବୋଚ୍ଚ ଅଦାଲତ ଅବକାରୀ ନୀତି ଦୁର୍ନୀତିର ତଦନ୍ତ କରୁଥିବା ଓ କେଜ୍ରିୱାଲଙ୍କୁ ଗିରଫ କରିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି। ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ କାହିଁକି ଗିରଫ କରାଗଲା ବୋଲି କୋର୍ଟ ଇଡିକୁ ପ୍ରଶ୍ନ କରିଛନ୍ତି। ଆସନ୍ତା ଶୁକ୍ରବାର ଇଡି ଏହାର ଜବାବ ରଖିବ। ଏହାପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରେ ତାଙ୍କ ଗିରଫଦାରୀ ବିରୋଧରେ ଆବେଦନ କରିଥିଲେ। ନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କୁ ଗିରଫ କରାଯାଇଥିବା ସେ ଯୁକ୍ତି ରଖିଥିଲେ। ହେଲେ ଏହି ଯୁକ୍ତିକୁ ଦିଲ୍ଲୀ ହାଇକୋର୍ଟ ଗ୍ରହଣ କରି ନଥିଲେ। ଇଡି କଥାରେ ଏକମତ ହୋଇ ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ଏବେ ସର୍ବୋଚ୍ଚ ଅଦାଲତ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ଓ ଇଡିକୁ ଜବାବ ଦାଖଲ କରିବାକୁ କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନା ଆଜି ଇଡିକୁ କହିଛନ୍ତି ଯେ ଏହି ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ନ୍ୟାୟିକ ପ୍ରକ୍ରିୟାରେ ନ ଯାଇ ସିଧା ଅପରାଧିକ ପ୍ରୋସେଡିଂ ଆପଣାଇଛି କି? କାହିଁକି ଗିରଫଦାରୀର ସମୟକୁ ନେଇ ପ୍ରଶ୍ନ ଉଠିଛି? ଏହି ମାମଲାରେ ଏଯାଏ କୌଣସି ଦସ୍ତାବିଜ ବା ଜିନିଷ ଜବତ କରାଯାଇ ନଥିଲା। ଯଦି ଏପରି ହୋଇଛି, ତା'ହେଲେ କେଜ୍ରିୱାଲ ଏଥିରେ କେମିତି ସାମିଲ ଅଛନ୍ତି, ତା'କୁ ଉପସ୍ଥାପନ କରନ୍ତୁ। ଆପଣ ଆମକୁ କୁହନ୍ତୁ ଯେ ସାଧାରଣ ନିର୍ବାଚନ ପୂର୍ବରୁ କାହିଁକି ଗିରଫଦାରୀ କରାଗଲା? ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ସଂସ୍ଥା ପ୍ରମାଣ ପାଇଥିବା ଦାବି କରିଛି। କିନ୍ତୁ କେଜ୍ରିୱାଲଙ୍କ ମାମଲାରେ କିଛି ବି ସାମ୍ନାକୁ ଅଣାଯାଇ ନାହିଁ। ତେଣୁ ଆପଣ ପ୍ରମାଣ ଦେଖାନ୍ତୁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ଓ ଗିରଫଦାରୀ ମଧ୍ୟରେ ଏତେ ସମୟ ନେବାର କାରଣ କ'ଣ? ସ୍ୱତନ୍ତ୍ରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଏହାକୁ ମନା କରିପାରିବା ନାହିଁ ବୋଲି ମଧ୍ୟ ସୁପ୍ରିମକୋର୍ଟ କହିବା ସହ ସବୁ ପ୍ରଶ୍ନର ଉତ୍ତର ଶୁକ୍ରବାର ସୁଦ୍ଧା ଦେବାକୁ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା। ତାଙ୍କୁ ୨ ଥର ରିମାଣ୍ଡରେ ନେବା ପରେ ଏପ୍ରିଲ ୧ରୁ ତିହାର ଜେଲରେ ରହିଛନ୍ତି।

# ଏନ୍‌କାଉଣ୍ଟରରେ ୭ ମାଓବାଦୀ ସଫା



ଛତିଶଗଡ଼, ୩୦/୪ : ଏନକାଉଣ୍ଟରରେ ଟଳିଲେ ୭ ମାଓବାଦୀ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଆବୁଝାମାଡ଼ ଜଙ୍ଗଲରେ ଆଜି ସାକାଳୁ ପୁଲିସ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୭ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଅଛନ୍ତି। ଡିଆରଜି ଓ ଏସଟିଏଫର ମିଳିତ କମ୍ବିଂ ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ବେଶ କିଛି ସମୟ ଧରି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ଭିତରେ ଗୁଳି ବିନିମୟ ହୋଇଥିଲା। ଏନକାଉଣ୍ଟରସ୍ଥଳରୁ ସର୍ଚ୍ଚ ଅପରେସନ ବେଳେ ଏକେ-୪୭ ଓ ବିପୁଳ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏନେଇ ବସ୍ତର ଆଇଜି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଛତିଶଗଡ ଓ ମହାରାଷ୍ଟ୍ର ସୀମାନ୍ତ ଟେକାମେଟା ଅଞ୍ଚଳରେ ବିପୁଳ ସଂଖ୍ୟାରେ ନକ୍ସଲମାନେ ଲଚ୍ଛି ରହିଥିବା ସୂଚନା ମିଳିଥିଲା। ଏହାପରେ ସୋମବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀ ଓ ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ।ମଙ୍ଗଳବାର ସକାଳେ ଯବାନମାନେ ଉକ୍ତ ଅଞ୍ଚଳରେ ପହଞ୍ଚିବା ପରେ ନକ୍ସଲମାନେ ପ୍ରଥମେ ଗୁଳିମାଡ ଆରମ୍ଭ କରିଥଇଲେ। ଏହାର ଜବାବରେ ସୁରକ୍ଷାକର୍ମୀଙ୍କ ତରଫରୁ ମଧ୍ୟ ଗୁଳିମାଡ ହୋଇଥିଲା। ଏଥିରେ ଏବେ ସୁଦ୍ଧା ୭ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ନକ୍ସଲଙ୍କ ବଡ କ୍ୟାଡେଟ୍ ଏଠାରେ ଉପସ୍ଥିତ ଥିବା କୁହାଯାଉଛି।

# ମିଛ ଭିଡିଓ ପାଇଁ ପାଣ୍ଡିଆନ ଓ ପ୍ରଦୀପ ମାଝୀଙ୍କ ନାଁରେ ଏଫଆଇଆର ଦାଖଲ କଲା ବିଜେପି: ଗିରଫ ଦାବି



ଭୁବନେଶ୍ୱର, ୩୦/୪ (ନି.ପ୍ର): ମିଛ ଭିଡିଓ ଦେଖାଇ ନିର୍ବାଚନୀ ସଭାରେ ଭାଷଣ ଦେଇଥିବା ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଓ ବିଜେଡି ନେତା ଭିକେ ପାଣ୍ଡିଆନଙ୍କ ବିରୁଦ୍ଧରେ ଆଜି ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଏଫଆଇଆର ଦେଇଛି ବିଜେପି। ଏହାସହିତ ଉଭୟଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମଧ୍ୟ ବିଜେପି ଦାବି କରିଛି। ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଭୁବନେଶ୍ୱର ସାଇବର ଥାନାରେ ପାଣ୍ଡିଆନ ଓ ପ୍ରଦୀପ ମାଝୀଙ୍କ ବିରୁଦ୍ଧରେ ଏଫଆଇଆର ଦାଖଲ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ,

▶▶ପୃଷ୍ଠା ୭

# ହିଞ୍ଜିଳିରୁ ନାମାଙ୍କନ ଦାଖଲ କଲେ ନବୀନ ପଟ୍ଟନାୟକ



ହିଞ୍ଜିଳି, ୩୦/୪ (ନି.ପ୍ର): ନିଜ ପାରମ୍ପରିକ ସିଟ୍ ହିଞ୍ଜିଳି ବିଧାନସଭା ଆସନରୁ ଆଜି ଷଷ୍ଠ ଥର ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ନାମାଙ୍କନ ଦାଖଲ ପୂର୍ବରୁ ଗଞ୍ଜାମରେ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ସେ ପୂଜାର୍ଚ୍ଚନା କରିଥିଲେ। ଛତ୍ରପୁର ନିକଟସ୍ଥ ନରସିଂହପୁର ଛକସ୍ଥିତ ହେଲିପ୍ୟାଡରେ ମୁଖ୍ୟମନ୍ତ୍ରୀ ଓହ୍ଲାଇବା ପରେ ସେଠାରୁ କାରରେ ମା' ତାରାତାରିଣୀଙ୍କ ପୀଠକୁ ଯାଇଥିଲେ । ସେଠାରେ ସେ ମା'ଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଲୋଡ଼ିଥିଲେ। ଏହାପରେ ଜିଲ୍ଲା ସଦର ମହକୁମା ଛତ୍ରପୁର ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ବେଳେ ଭି.କେ. ପାଣ୍ଡିଆନ, ଅର୍ଥ ମନ୍ତ୍ରୀ ବିକ୍ରମ ଆରୁଖ,

▶▶ପୃଷ୍ଠା ୭

# ଲାଞ୍ଚ ନେଲା ବେଳେ ମାଡ଼ି ବସିଲା ଭିଜିଲାନ୍ସ

ବଲାଙ୍ଗିର, ୩୦/୪ (ନି.ପ୍ର): ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରିଲା ଭିଜିଲାନ୍ସ। ବଲାଙ୍ଗିର ଜିଲ୍ଲା ସଇଁତଳା ଥାନା ବେଲଗାଁର ଏଆରଆଇ ରେଶମା ମାଝୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ଶିଶକେଲା ଗାଁର ବାସୁଦେବ ନନ୍ଦ ନିଜ ଜମିରେ କାଗଜପତ୍ର କାମ କରିବା ପାଇଁ ଏଆରଆଇଙ୍କ ନିକଟରେ ଦରଖାସ୍ତ କରିଥିଲେ। ସେହି ବାବଦକୁ ରେଶମା ମାଝୀ ୧୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ବାସୁଦେବ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଥିଲେ। ମଧ୍ୟସ୍ଥି ମଣ୍ଟୁ ନନ୍ଦଙ୍କ ଜରିଆରେ ଅଫିସ ଭିତରେ ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ ଏଆରଆଇ ରେଶମା ମାଝୀ। ଜବତ ବେଳେ ନଗଦ ୧୦ ଟଙ୍କା ସହ ଏଆରଆଇ ରେଶମା ମାଝୀ ଓ ମଧ୍ୟସ୍ଥି ମଣ୍ଟୁ ନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଭିଜିଲାନ୍ସ। ଚଢ଼ାଉରେ ବଲାଙ୍ଗିର, ସୋନପୁର, ବରଗଡ଼ ଓ ସମ୍ବଲପୁର ଭିଜିଲାନ୍ସ ଟିମ ସାମିଲ ଥିଲେ।

# ଜମ୍ମୁ କଶ୍ମୀରରେ ଲଗାଣ ବର୍ଷା ପରେ ଭୂସ୍ଖଳନ: ୫ ମୃତ

ନୂଆଦିଲ୍ଲୀ, ୩୦/୪ : ଜମ୍ମୁ କଶ୍ମୀରରେ ପ୍ରବଳ ବର୍ଷା ପରେ ଭୂସ୍ଖଳନ ଓ ବନ୍ୟା କାରଣରୁ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏଥିସହ ଏକାଧିକ ଲୋକ ଆହତ ହୋଇଥିବା ବେଳେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଶହ ଶହ ଲୋକେ ପ୍ରଭାବିତ ହୋଇଛନ୍ତି। ସୂଚନା ଅନୁସାରେ, ଗତ ତିନି ଦିନ ହେବ ଜମ୍ମୁ କଶ୍ମୀରରେ ବର୍ଷା ଜାରିରହିଛି। ବର୍ଷା ସାଙ୍ଗକୁ ଅନେକ ସ୍ଥାନରେ ଭୂସ୍ଖଳନ ଓ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଡୋଡା, ରିଆସି, କିଶତ୍ୱାର, ରାମବାନ ଏବଂ ବାରମୁଲା ସମେତ ଅନେକ ପାହାଡ଼ିଆ ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ରାସ୍ତାରେ ଏକାଧିକ ସ୍ଥାନରେ ଭୂସ୍ଖଳନ କାରଣରୁ ଶ୍ରୀନଗର-ଜାମ୍ମୁ ଜାତୀୟ ରାଜପଥ ଗତ


▶▶ପୃଷ୍ଠା ୭

# ବାରିପଦା ଉତ୍ତପ୍ତ, ତା' ତଳକୁ ଅଛି ବାଲେଶ୍ୱର




ଭୁବନେଶ୍ୱର, ୩୦/୦୪ (ନି.ପ୍ର): ଆକାଶରୁ ନିଆଁ ବର୍ଷା ହେଉଛି। ଯେଉଁଥିପାଇଁ ଅସ୍ତବ୍ୟସ୍ତ ହୋଇଛି ଜୀବନ ଯାତ୍ରା। ଆଜି ବାରିପଦା ପାଲଟିଛି ରାଜ୍ୟର ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୪୬.୪ ଡିଗ୍ରୀ ରେକର୍ଡ କରାଯାଇଛି। ତା' ତଳକୁ ଅଛି ବାଲେଶ୍ୱର। ଏଠାରେ ତାପମାତ୍ରା ୪୬ ଡିଗ୍ରୀ ରେକର୍ଡ କରାଯାଇଛି। ଆଜି ରାଜ୍ୟର ୧୫ଟି ସହରରେ ତାପମାତ୍ରା ୪୪ ଡ଼ିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାରିପଦାରେ ୪୬.୪ ଡିଗ୍ରୀ, ବାଲେଶ୍ୱରରେ ୪୬ ଡିଗ୍ରୀ, ଭୁବନେଶ୍ୱରରେ ୪୫.୪ ଡିଗ୍ରୀ, ଅନୁଗୋଳରେ ୪୪.୭ ଡିଗ୍ରୀ, ତାଳଚେରରେ ୪୪.୫ ଡିଗ୍ରୀ, ଢେଙ୍କାନାଳରେ ୪୪.୫ ଡିଗ୍ରୀ, ଯାଜପୁରରେ ୪୪.୫ ଡିଗ୍ରୀ, ବୌଦ୍ଧରେ ୪୪.୩ ଡିଗ୍ରୀ, ଝାରସୁଗୁଡ଼ାରେ

▶▶ପୃଷ୍ଠା ୭




# ଅମିତ ଶାହ ଫେକ୍ ଭିଡିଓ ମାମଲା: ବନ୍ଧା ହେଲେ ୩ ଜଣ



ନୂଆଦିଲ୍ଲୀ, ୩୦/୪ : ଗୃହମନ୍ତ୍ରୀ ଅମିତ ଶାହଙ୍କ ଫେକ୍ ଭିଡିଓ ଭାଇରାଲ ମାମଲାରେ ଆକ୍ସନ ମୁଡ୍‌କୁ ଆସିଛି ପୁଲିସ। ଏହି ମାମଲାରେ ଆଜି ତିନି ଜଣଙ୍କୁ ଗିରଫ କରାଯାଇଛି। ଗିରଫ ତିନି ଜଣ ଆମ୍ ଆଦମୀ ପାର୍ଟି ଓ କଂଗ୍ରେସ ସହ ଜଡିତ ଥିବା କୁହାଯାଇଛି। ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ, ଆପ୍ ଓ କଂଗ୍ରେସ ସହ ଜଡିତ ଥିବା ତିନି ଜଣଙ୍କୁ ଗିରଫ କରାଯାଇଛି। ଅହମ୍ମଦାବାଦ ସାଇବର କ୍ରାଇମ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ତିନି ଜଣ ଅଭିଯୁକ୍ତ ମଧ୍ୟରୁ ଦୁଇ ଜଣଙ୍କ ନାଁ ସତୀଶ ବନସୋଲା ଓ ଆର୍ର ବି ବାରିୟା ବୋଲି ଜଣାପଡିଛି। ସତୀଶ ବନସୋଲା ହେଉଛି କଂଗ୍ରେସ ବିଧାୟକ ଜିଗ୍ନେଶ ମେୱାନିଙ୍କ ପିଏ। ସେ ମେୱାନୀଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପରିଚାଳନା କରୁଥିବାବେଳେ ଆର ବି ବାରିୟା ଆମ୍ ଆଦମୀ ପାର୍ଟିର ଦାହୋଡ ଜିଲ୍ଲା ମୁଖ୍ୟ ଅଟନ୍ତି। ଏହି ଦୁଇ ଜଣ ହିଁ ଶାହଙ୍କ ଫେକ୍ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ ବୋଲି ପୁଲିସ କହିଛି। ଏହାପୂର୍ବରୁ ସୋମବାର ଆସାମ ପୁଲିସ ମଧ୍ୟ ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା କହିଥିଲା। ତା'ଠାରୁ ଏକ ଲାପଟପ୍ ଏବଂ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ନାମ ରିତମ ସିଂହ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୂଚନ ଦେଇଥିଲେ। ଗତକାଲି ଏହି ମାମଲାରେ ଗତକାଲି ଦିଲ୍ଲୀ ପୁଲିସ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ପଚରାଉଚରା କରିବା ପାଇଁ ସମନ ପଠାଇ ସାରିଛି। ତାଙ୍କ ସହ ଅନ୍ୟ କେତେକ କଂଗ୍ରେସ ନେତାଙ୍କୁ ମଧ୍ୟ ସମନ କରି ପଚରାଉଚରା ପାଇଁ ମେ' ୧ ତାରିଖରେ ହାଜର ହେବା ପାଇଁ କୁହାଯାଇଛି। ଶାହଙ୍କ ଫେକ୍ ଭିଡିଓକୁ ନେଇ ବିଜେପି କଂଗ୍ରେସ ବିରୋଧରେ ନର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛି। ନିର୍ବାଚନ ପ୍ରକ୍ରିୟାକୁ ଭ୍ରମିତ କରିବା ପାଇଁ କଂଗ୍ରେସ ଜାଣିଶୁଣି ଶାହଙ୍କ ଡିପ୍ ଫେକ୍ ଭିଡିଓ ଓ ଏଡିଟେଡ୍ ଭିଡିଓକୁ ସୋଶାଲ ମିଡିଆରେ ଭାଇରାଲ କରୁଛି। ଏଥିପାଇଁ କାଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ଦାବି କରିଛି। ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

▶▶ପୃଷ୍ଠା ୭

# ବାଜିରେ ଲାଗିଛି ଜୀବନ: ନଦୀ ଉପରେ ନାହିଁ ବ୍ରିଜ୍, ଡଙ୍ଗା ହିଁ ସାହାଭରସା



ଆଳି, ୩୦/୪ (ନି.ପ୍ର): ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକର ଅନେକ ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ନଈ ଉପରେ ନିର୍ଭର କରନ୍ତି। ନିର୍ବାଚନ ପରେ ନିର୍ବାଚନ ଆସୁଛି, ହେଲେ ସମସ୍ୟାର ସମାଧାନ ହେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି । ଗାଁକୁ ରାସ୍ତା ଓଗାଳିଛି ନଦୀ। ସରକାରୀ କାମହେଉ କି ହାଟ-ବଜାର ଯିବାକୁ ହେଲେ ଖାଲି ଡଙ୍ଗା ହିଁ ଏକମାତ୍ର ଭରସା। ବ୍ରାହ୍ମଣୀ ନଦୀର ଅକାତକାତ ପାଣିରେ ପ୍ରତିଦିନ ଏମିତି ଚାଲେ ଜୀବନଯାତ୍ରା। କେନ୍ଦ୍ରାପଡ଼ାର ଆଳି, ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକର ସୀମାବର୍ତ୍ତି ଅଞ୍ଚଳର ଲୋକ ବର୍ଷ ବର୍ଷ ହେଲା ଏଭଳି ସମସ୍ୟା ଭୋଗୁଛନ୍ତି। ବ୍ରିଜ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି ।
ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଲୋକେ। ନା ଅଛି ଲାଇଫ୍ ଜାକେଟ୍ ନା ଅଛି କୌଣସି ସୁରକ୍ଷା ବ୍ୟବସ୍ଥା। ଅକାତକାତ ପାଣିରେ ଜୀବନକୁ ବାଜି ଲଗାଇ ଡଙ୍ଗାରେ ନଦୀ ପାର ହେଉଛନ୍ତି ଗାଁ ଲୋକ। ବର୍ଷ ପରେ ବର୍ଷ ବିତିଲାଣି। ହେଲେ ଗାଁ ଲୋକଙ୍କ ପାଇଁ ବ୍ରିଜ୍ ଟିଏ ନିର୍ମାଣ ହୋଇପାରିଲାନାହିଁ । କେନ୍ଦ୍ରାପଡ଼ା ଶ୍ରୀରାମପୁର ଘାଟରେ ଏହା ନିୟମିତ କଥା । ଆଳି, ପଟ୍ଟାମୁଣ୍ଡାଇ ଏବଂ ରାଜନଗର ବ୍ଲକର ଅନେକ ଲୋକ ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି ନଈ ଉପରେ ନିର୍ଭର କରନ୍ତି। ନିର୍ବାଚନ ପରେ ନିର୍ବାଚନ ଆସୁଛି, ହେଲେ ସମସ୍ୟାର ସମାଧାନ ହେଉନଥିବାରୁ ଲୋକଙ୍କ ମଧ ଅସନ୍ତୋଷ ତୀବ୍ର ହୋଇଛି । ୨୦୧୩ରୁ ଶ୍ରୀରାମପୁର-ମହାସାହାଣୀ ସେତୁ ନିର୍ମାଣ ପାଇଁ ଲେ-ଆଉଟ୍ ପ୍ରସ୍ତୁତ ହୋଇଛି । ହେଲେ ଏହି ନଦୀପଥଟି ଜାତୀୟ ଜଳପଥ-୫ ଅନ୍ତର୍ଗତ ଆସୁଥିବାରୁ ବାଧକ ସୃଷ୍ଟି ହୋଇଥିଲା । ପରେ ପୁନର୍ବାର ନୂଆ ପ୍ଲାନ ଓ ବ୍ୟୟ ଅଟ୍ଟକଳ କରାଯାଇଥିଲେ ସୁଦ୍ଧା ଏବେ ସୁଦ୍ଧା କାମ ଇଞ୍ଚେ ବି ଆଗକୁ ବଢ଼ିନି।


# ନିର୍ବାଚନ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ପୁରୀ, ୩୦/୪ (ନି.ପ୍ର): ଆଜି ପୂର୍ବାହ୍ନରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ସୁଧାଶୁଂ ଧର ମିଶ୍ର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ପିନାକ ମିଶ୍ରଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ ଜିଲ୍ଲାପାଳ ଓ ଏସପି ଜିଲ୍ଲାରେ ନିର୍ବାଚନ ପରିଚାଳନା, ଆଇନ ଶୃଙ୍ଖଳା ରକ୍ଷା ଓ ବିଭିନ୍ନ ଟିମ ର କାର୍ଯ୍ୟକାରିତା ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନେ ଯୋଗ ଦେଇଥିଲେ। ଅପରାହ୍ନରେ ଧରପଗଡ଼ ଓ ଅବକାରୀ ବିଭାଗର ପଦକ୍ଷେପ ସମ୍ପର୍କରେ, ଚେକପୋଷ୍ଟ ଓ ଷ୍ଟାଷ୍ଟିକ ସର୍ଭିଲାନ୍ସ ଟିମ ସମ୍ପର୍କରେ ଆଲୋଚନା କରିଥିଲେ।ଶ୍ରୀ ମିଶ୍ର ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଂଟିଗ୍ରେଟେଡ କଂଟ୍ରୋଲ ରୁମ୍ ବା ସମନ୍ୱିତ ନିୟନ୍ତ୍ରଣ କକ୍ଷ କୁ ବୁଲି ଦେଖିଥିଲେ। ଗତକାଲି ସର୍କିଟ ହାଉସ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ଟିମ ର ନୋଡାଲ ଅଫିସର ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କ ସହ ଶ୍ରୀ ମିଶ୍ର ଆଲୋଚନା କରିବା ସହ ଖର୍ଚ୍ଚ ତଦାରଖ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ନିର୍ବାଚନ ତାରିଖ ଘୋଷଣା ଦିନ ଠାରୁ ଫ୍ଲାଇଙ୍ଗ ସ୍କ୍ୱାର୍ଡ କାର୍ଯ୍ୟ ଆରମ୍ଭ କରିଛନ୍ତି। ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଧରପଗଡ଼ ସହ ଗାଡି ଯାଂଚ୍, ବେଆଇନ ଅର୍ଥ ଚାଲାଣ, ମାଦକ ଦ୍ରବ୍ୟ ଚାଲାଣ, ବିପୁଳ ଆକାରରେ ଯାଉଥିବା ବିବିଧ ସାମଗ୍ରୀ ବ୍ୟବସାୟ ବା ଉପହାର ଉଦ୍ଦେଶ୍ୟରେ ତାହା ମଧ ଯାଂଚ୍ କରାଯାଉଛି। ସେହିପରି ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମର ଭିଡିଓ ଉତୋଳନ ସହ ତାହାକୁ ଦେଖି ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥଳେ ଖର୍ଚ୍ଚ ହିସାବ ଟିମ୍ କୁ ଅବଗତ କରାଯାଉଛି। ଏମସିଏମସି ଟିମ୍ ପକ୍ଷରୁ ମିଡିଆ ସାର୍ଟିଫିକେସନ ସହ ପେଡ ନିଉଜ, ପ୍ରିଂଟ ମିଡିଆ, ସୋସିଆଲ ମିଡିଆ, ଇଲେକ୍ଟ୍ରୋନିକ ମିଡ଼ିଆ ଉପରେ ଦୃଷ୍ଟି ରଖାଯାଉଛି। ରାଜନୈତିକ ଦଳ ମାନଙ୍କ ସହ ଆଲୋଚନା ଆଧାରରେ ବିଭିନ୍ନ ଦ୍ରବ୍ୟର ମୂଲ୍ୟ ସୂଚୀ ନିର୍ଦ୍ଧାରଣ ହୋଇଛି ଓ ଏହି ଆଧାରରେ ଖର୍ଚ୍ଚର ହିସାବ ରଖାଯାଉଛି ବୋଲି ବିଭିନ୍ନ ଟିମ ପକ୍ଷରୁ ସୂଚନା ଦିଆଯାଇଥିଲା। ପ୍ରାର୍ଥୀ ବା ଦଳ ମାନଙ୍କର ଖର୍ଚ୍ଚ କୁ କିପରି ଲିପିବଦ୍ଧ କରାଯାଉଛି ତାହାକୁ ସେ ଦେଖିଥିଲେ। ନିର୍ବାଚନ କମିଶନର ଲୋକସଭା ନିର୍ବାଚନର ପ୍ରାର୍ଥୀ ମାନଙ୍କ ପାଇଁ ୯୫ ଲକ୍ଷ ଓ ବିଧାନସଭା ନିର୍ବାଚନର ପ୍ରାର୍ଥୀ ମାନଙ୍କ ପାଇଁ ୪୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ ସୀମା ଧାର୍ଯ୍ୟ କରିଛନ୍ତି।ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିରପେକ୍ଷ ଓ ବିନା ଚାପ ବା ଭୟରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନିଷା ଷଡ଼ଙ୍ଗୀ, ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ଟ୍ରେଜେରୀ ଅଧିକାରୀ ମନ୍ମଥ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଶ୍ରୀ ମିଶ୍ର ସଂସ୍କୃତି ଭବନ ଠାରେ ରିଟର୍ଣ୍ଣିଂ ଅଫିସର ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହ ଏକ ବୈଠକରେ ଖର୍ଚ୍ଚ ତଦାରଖ ସମ୍ପର୍କରେ ଆଲୋଚନା କରିଥିଲେ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶିଶୁ ଜନ୍ମଦିନରେ ପଶୁପକ୍ଷୀଙ୍କୁ ସେବା

କେନ୍ଦ୍ରାପଡ଼ା, ୩୦/୪ (ନି.ପ୍ର): କେନ୍ଦ୍ରାପଡ଼ାର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୁନି ଶିଶୁ ପ୍ରୀତି ସଂପୂର୍ଣ୍ଣାର ଜନ୍ମଦିନରେ ଶିଶୁ କନ୍ୟାକୁ ମାଟିପାତ୍ର ଉପହାର ପ୍ରଦାନ କରିବା ସହ ପ୍ରବଳ ଗ୍ରୀଷ୍ମ ତାପରେ ଉକ୍ତ ପାତ୍ରଟିକୁ ଛାତ ଉପରେ ରଖିବା ସହ ସେଥିରେ ପାଣି ପୁରାଇ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ରଖାଯାଇଛି । ପଶୁପକ୍ଷୀମାନେ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଉକ୍ତ ପାନୀୟ ଜଳକୁ ପିଉଥିବାର ଦେଖିବାକୁ ମିଳୁଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, କାଳନ୍ଦୀ ମଲିକ, ସାଗର ଜେନା, ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟ୍ ଦେବାକୁ କସରତ: ରାସ୍ତାରେ ଗଲେ ୬୦ କିମି, ପାହାଡ଼ ଚଢ଼ିଲେ ୯ କିମି



ଭବାନୀପାଟଣା: କଳାହାଣ୍ଡି ଜିଲ୍ଲାର ବହୁ ଦୁର୍ଗମ ଅଞ୍ଚଳରେ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ ଭୋଟ୍ ଦେବାପାଇଁ କସରତ କରୁଛନ୍ତି ବୋଡ଼ାଦରିଙ୍ଗ ଗ୍ରାମବାସୀ। ରାସ୍ତାରେ ଗଲେ ୬୦ କିମି ଓ ପାହାଡ଼ ଚଢ଼ି ବିପଦସଙ୍କୁଳ ରାସ୍ତାରେ ୯ କିମି ଗଲେ ଯାଇ ସେମାନେ ମତଦାନ କେନ୍ଦ୍ରରେ ଭୋଟ୍ ?ଦାନ କରିଥା'ନ୍ତି। କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକ୍‌ରେ ୧୯ଟି ପଞ୍ଚାୟତରୁ ୯ଟି ଦୁର୍ଗମ ପାହାଡ଼ି ଅଂଚଳରେ ରହିଛି। ସେଥିମଧ୍ୟରୁ ଉର୍ଲାଦାନୀ, ମାଣିକେରା, ବାରବନ୍ଧା ଓ ମୋହନଗିରୀ ପଞ୍ଚାୟତକୁ ଆଜି ବି ବିକାଶ ଅପହଞ୍ଚ ହୋଇରହିଛି। ୨୦୧୭ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିକାଶ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବା ପାଇଁ ପଞ୍ଚାୟତ ବିଭାଜନ ପ୍ରକ୍ରିୟାରେ ତିନୋଟି ନୂଆ ପଞ୍ଚାୟତ ଗଠନ କରାଯାଇଥିଲା। ନୂତନ ଭାବେ ଗଠିତ ହୋଇଥିବା ଲୁବେନଗଡ଼ ପଞ୍ଚାୟତର ପୁଇଝିରି ଓ କୁର୍ଡେଲ ଗ୍ରାମକୁ ଆଜି ମଧ ପାଦଚଲା ରାସ୍ତାଟିଏ ତିଆରି ହୋଇପାରି ନାହିଁ। ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟରୁ ୯ କିମି ଓ ବ୍ଲକ୍ କାର୍ଯ୍ୟାଳୟରୁ ୩୬ କିମି ଦୂରରେ ଅବସ୍ଥିତ ଏହି ଗାଁ ଚାରିପଟୁ ଦୁର୍ଗମ ପାହାଡ଼ ଓ ଘଞ୍ଚ ଜଙ୍ଗଲ ଘେରି ରହିଛି। ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୯ କିମି ଘଞ୍ଚ ଜଙ୍ଗଲ ନଦୀ ପାହାଡ଼ ପାରି ହୋଇ ଆସିବାକୁ ପଡ଼ିଥାଏ। ସେହିଭଳି ଉର୍ଲାଦାନୀ ପଞ୍ଚାୟତର ବୋଡ଼ାଦରିଙ୍ଗ ଗାଁ ପଞ୍ଚାୟତ ଅଫିସ୍‌ରୁ ୬୦ କିମି ଓ ବ୍ଲକ ଅଫିସ୍‌ରୁ ୭୬ କିମି ଦୂରରେ ଅବସ୍ଥିତ। ବୋଡ଼ାଦରିଙ୍ଗ ଗ୍ରାମକୁ ଉର୍ଲାଦାନୀ ପଞ୍ଚାୟତରୁ ଲାହାଡ଼ି ଦେଇ ଯିବାକୁ ହେଲେ ୩ଟି ନଦୀ ନାଳ ଓ ୩ଟି ବିପଦସଙ୍କୁଳ ପାହାଡ଼ ଚଢ଼ି ୯ କିମି ଯିବାକୁ ପଡ଼ିଥାଏ। ଉର୍ଲାଦାନୀ ପଞ୍ଚାୟତରୁ ୯ କିମି ଦୂରତାକୁ ଯାଇ ଲୋକମାନେ ଭୋଟ୍ ଦେଇଥା'ନ୍ତି।

# ଜମି ନଦେଲେ ଭୋଟ୍ ବର୍ଜନ କରିବେ ଶୁଖୁଆ ବସ୍ତି ବାସିନ୍ଦା

କେନ୍ଦ୍ରାପଡ଼ା, ୩୦/୪ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଶୁଖୁଆ ବସ୍ତିର ବାସିନ୍ଦା ଦୀର୍ଘ ୪୦ ବର୍ଷ ହେଲା ଉକ୍ତ ଅଂଚଳରେ ନିଜ ପରିବାର ସହ ରହି ଆସୁଛନ୍ତି। ସେ ସମୟରେ ଏହି ଅଂଚଳ ସମ୍ପୂର୍ଣ୍ଣ ବଣ ଜଙ୍ଗଲ ଅବସ୍ଥାରେ ଥିଲା। ଏହି ବାସିନ୍ଦାମାନେ ଉକ୍ତ ଅଂଚଳକୁ ପରିଶ୍ରମ କରି ଦୀର୍ଘ ବର୍ଷ ହେଲା ରହିବା ପରେ ପ୍ରଶାସନ ଦୀର୍ଘ ୧୦ ବର୍ଷ ହେଲା ସେମାନଙ୍କୁ ସ୍ମାର୍ଟ ପାର୍କ ନିକଟରେ ଥଇଥାନ କରିବାକୁ ସ୍ଥିର କରି ସେମାନଙ୍କୁ ଭୂମିହୀନ ପ୍ରମାଣପତ୍ର ପ୍ରଦାନ କରିଛି। ଦୀର୍ଘ ୧୦ ବର୍ଷ ହେଲା ବସ୍ତି ବାସିନ୍ଦା ଯୋଜନାରେ ଏମାନଙ୍କୁ ଥଇଥାନ କରାଯାଇ ନାହିଁ । ପୂର୍ବତନ ଜିଲ୍ଲାପାଳ ଏମାନଙ୍କୁ ୩ ମାସ ମଧ୍ୟରେ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇ ଥିଲେ ମଧ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହେଲା ନାହିଁ। ଏନେଇ ଶୁଖୁଆ ବସ୍ତି ବାସିନ୍ଦାମାନେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତୁରନ୍ତ ତାଙ୍କୁ ବସ୍ତି ବାସିନ୍ଦା ଯୋଜନାରେ ପଟା ପ୍ରଦାନ କରିବା ସହିତ ଥଇଥାନ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନଚେତ୍ ଏହି ବସ୍ତି ବାସିନ୍ଦାମାନେ ସାମୁହିକ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ବିଦେଶୀ ବେହେରା, ରଞ୍ଜନ ବେହେରା, ରୀନା ଦଳାଇ, ରମେଶ ତରାଇ, ରାମଚନ୍ଦ୍ର ତରାଇ, ସଂଞ୍ଜୁଲତା ବେହେରା ପ୍ରମୁଖଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଜେଡ଼ି-ବିଜେପି ସମର୍ଥକ ମୁହାଁମୁହିଁ

ପୁରୀ, ୩୦/୪ (ନି.ପ୍ର): ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପୁରୀ ଲୋକସଭା ପାଇଁ ବିଜେପି ପ୍ରାର୍ଥୀ ଡା. ସମ୍ବିତ ପାତ୍ର ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ତାଙ୍କ ସହିତ ବ୍ରହ୍ମଗିରିରୁ ବିଜେପି ବିଧାୟିକା ପ୍ରାର୍ଥିନୀ ଉପାସନା ମହାପାତ୍ର ଓ ତାଙ୍କ ସମର୍ଥକ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକତ୍ରିତ ହୋଇଥିଲେ । ଏହି ସମୟରେ ସତ୍ୟବାଦୀରୁ ବିଜେଡ଼ି ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା ଓ ତାଙ୍କ ସମର୍ଥକ ଗେଟ୍ ଖୋଲି ପ୍ରବେଶ କରିବା ସମୟରେ ଉପାସନାଙ୍କ ସମର୍ଥକ ବିଜେପି ଜିନ୍ଦାବାଦ୍ ଓ ସଞ୍ଜୟଙ୍କ ସମର୍ଥକ ବିଜେଡ଼ି ଜିନ୍ଦାବାଦ୍ ନାରା ଦେଇଥିଲେ । ଯେହେତୁ ସଞ୍ଜୟ ବ୍ରହ୍ମଗିରି ଛାଡି ସତ୍ୟବାଦୀରୁ ପ୍ରାର୍ଥୀ ହୋଇଛନ୍ତି ଏଣୁ ତାଙ୍କ ସମର୍ଥକ ମାନେ ଜୋର୍ ରେ ନାରାବାଜି କରିବାରୁ ପରିସ୍ଥିତି ଅଣାୟତ ହୋଇପଡିଥିଲା । ଏହି ସମୟରେ ସେଠାରେ ବିଜେପି ଓ ବିଜେଡ଼ି ସମର୍ଥକ ମୁହାଁମୁହିଁ ହୋଇଥିଲେ । ଖବର ପାଇ ଏସପି ପିନାକ ମିଶ୍ର, ଅତିରିକ୍ତ ଏସପି ସୁଶିଲ ମିଶ୍ର ଘଟଣାସ୍ଥଳରେ ପହଂଚି ସ୍ଥିତିକୁ ଆୟତ କରିଥିଲେ । ଏହାକୁ ନେଇ ଦୁଇ ଦଳ ମଧ୍ୟରେ ଚାପା ଉତେଜନା ସୃଷ୍ଟି ହୋଇଥିଲା ।

# ସାହାରା ଇଣ୍ଡିଆ ଜମାକାରୀଙ୍କ ମଧ୍ୟରୁ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ଦେବେ !




ବାଲେଶ୍ୱର, ୩୦/୪ (ନି.ପ୍ର): ସାହାରା ଇଣ୍ଡିଆ ଜମକାରୀ ଓ କାର୍ଯ୍ୟକର୍ତ୍ତା ମିଳିତ ମଞ୍ଚର ଜିଲ୍ଲା କର୍ମକର୍ତ୍ତାମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅପରାହ୍ନରେ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ମନୋରଂଜନ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତମାସ ୩ ତାରିଖ ଦିନ ଜିଲ୍ଲାସ୍ତରୀୟ ସମାବେଶର ସମୀକ୍ଷା ଓ ଆସନ୍ତା ଦିନର କାର୍ଯ୍ୟକ୍ରମ ସଂପର୍କରେ ସାଧାରଣ ସଂପାଦକ କାର୍ତ୍ତିକ ଚାନ୍ଦ ବୈଠକରେ ଆଗତ କରିଥିଲେ। ଚଳିତ ମାସରେ ସାହାରା ଇଣ୍ଡିଆ ଜମାକାରୀଙ୍କ ଅର୍ଥ ଫେରସ୍ତ ପାଇଁ ମାନ୍ୟବର ସୁପ୍ରିମକୋର୍ଟରେ ମୋକଦ୍ଦମାର ବିଚାରକୁ କେନ୍ଦ୍ର ସରକାରଙ୍କ ପରିଚାଳିତ 'ସେବି' ପକ୍ଷରୁ ବିଳମ୍ବିତ କରିବା ଉଦ୍ୟମକୁ ବୈଠକରେ ନିନ୍ଦା କରାଯାଇଛି। ସେବି ଓ ସାହାରା ଇଣ୍ଡିଆ ବିବାଦ ଫଳରେ ନିରୀହ ଜମାକାରୀ ଦୀର୍ଘବର୍ଷ ଧରି କଷ୍ଟାର୍ଜିତ ଅର୍ଥ ଫେରିପାଇ ପାରୁନାହାନ୍ତି। ତେଣୁ ରାଜ୍ୟ ଓ ଜାତୀୟସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ବହୁ ସଦସ୍ୟ ମତ ଦେଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ବିଧାୟକ ଓ ସାଂସଦ ପ୍ରାର୍ଥୀମାନଙ୍କୁ ମଞ୍ଚ ପକ୍ଷରୁ ଜମାକାରୀ ଏବଂ ଏଜେଣ୍ଟମାନଙ୍କ ସମସ୍ୟା ସଂପର୍କରେ ଲିଖିତଭାବେ ଜଣାଇବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ସପ୍ତାହରେ ଭଦ୍ରକ ଓ ମୟୂରଭଂଜ ଜିଲ୍ଲାରେ ସାଂଗଠନିକ ବୈଠକ ପାଇଁ ଯୋଗାଯୋଗ କରାଯାଇଥିବାର ସଂପାଦକ ବୈଠକରେ ଜଣାଇଥିଲେ। କୋଷାଧ୍ୟକ୍ଷ ମନୋଜ କୁମାର ବେହେରା ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ସାହାରା ଜମାକାରୀଙ୍କ ମଧ୍ୟରୁ ଜିଲ୍ଲାରେ ଜଣେ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ ପାଇଁ ଆସିଥିବା ପ୍ରସ୍ତାବ ଉପରେ ଆସନ୍ତା ସପ୍ତାହରେ ଏକ ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ନିଆଯିବାକୁ ସ୍ଥିର କରାଯାଇଛି। ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସାଧାରଣ ସଂପାଦକ ମନୋଜ ନାୟକ ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା, ଗଣେଶ ଚନ୍ଦ୍ର ବେହେରା, ଗଜେନ୍ଦ୍ର ଦାସ, ରଞ୍ଜନ ପାତ୍ର, ଲଳିତା ଜେନା ଓ ସଂଜୁଲତା ମାଝି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୃଢ଼ ସଂଗଠନ ଓ ବ୍ୟାପକ ଆନ୍ଦୋଳନ ପାଇଁ ବକ୍ତାମାନେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଭାସ୍କରଚନ୍ଦ୍ର ମଲ୍ଲିକ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଗଜପତି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମଲହରି: ପ୍ରଥମଥର ଶୁଖିଗଲା ଗଣ୍ଡାହାତୀ



ପାରଳାଖେମୁଣ୍ଡି, ୩୦/୪ (ନି.ପ୍ର): ଗତ ୧୫ ଦିନ ହେଲା ପାରଳା ସହର ତାପମାତ୍ରା ହାରାହାରି ୪୦ରୁ ୪୨ ଡିଗ୍ରି ରହୁଛି। ପ୍ରଚଣ୍ଡ ତାତିରେ ଗଜପତି ଜିଲ୍ଲା ସିଝୁଛି। ପରିବେଶବିତ୍ ମହଲରେ ଚଳିତ ବର୍ଷ ଏକ ଉଦ୍‌ବେଗଜନକ ପ୍ରତିକ୍ରିୟା ଦେଖାଦେଇଛି, ତାହା ହେଲା ପ୍ରଥମ ଥର ଗଣ୍ଡାହାତୀ ଜଳପ୍ରପାତରୁ ଜଳ ଝରୁନାହିଁ। ଜଳଧାରା ଶୁଖି ଯାଇଥିବା ଦେଖିବାକୁ ମିଳିଛି। ସେପଟେ, ଜିଲ୍ଲାର ଦୁଇଟି ପ୍ରମୁଖ ନଦୀ ବଂଶଧାରା ଏବଂ ମହେନ୍ଦ୍ରତନୟା ନଦୀଶଯ୍ୟା ମଧ ବହୁଦିନ ହେଲା ଶୁଷ୍କ ପଡ଼ିଛି। ପାରଳାଖେମୁଣ୍ଡି ସହର ଠାରୁ ପ୍ରାୟ ୩୦ କିମି ଦୂରରେ ଅବସ୍ଥିତ ଗଣ୍ଡାହାତୀ ଜଳପ୍ରପାତ ଅତ୍ୟନ୍ତ ଆକର୍ଷଣୀୟ। ବର୍ଷସାରା ଏଠାରେ ପାହାଡ଼ ଉପର ଝରଣାରୁ ପାଣି ଝରୁଥାଏ। ଗ୍ରୀଷ୍ମରେ ସାଧାରଣତଃ ଜଳଧାରାର ବେଗ ସାମାନ୍ୟ କମିଯାଏ। ଏଥର କିନ୍ତୁ ଜଳପ୍ରପାତରୁ ଜଳଧାରା ସଂପୂର୍ଣ୍ଣ ବନ୍ଦ ହୋଇଯିବା ବଡ଼ ବ୍ୟତିକ୍ରମ। ମହେନ୍ଦ୍ରଗିରି ଶିଖରରୁ ସୃଷ୍ଟି ବଡ଼ ଝରରୁ ପ୍ରବାହିତ ହୁଏ ମହେନ୍ଦ୍ରତନୟା ନଦୀର ଜଳ ଏବଂ ଏହି ଜଳ ଅନ୍ୟ ଏକ ପାର୍ଶ୍ୱ ଦେଇ ପାହାଡ଼ ଉପରୁ ତଳକୁ ପ୍ରବାହିତ ହୁଏ, ଯାହା ଗଣ୍ଡାହାତୀ ଜଳପ୍ରପାତ ନାମରେ ସୁଖ୍ୟାତି ଅର୍ଜନ କରିଛି। ଏହି ଜଳପ୍ରପାତର ପାଣି ଉପରେ ନିର୍ଭର କରନ୍ତି ଗଣ୍ଡାହାତୀ ସମେତ ଅଡ଼ାସିଂ ଛକ ପର୍ଯ୍ୟନ୍ତ ଅଞ୍ଚଳ ବାସିନ୍ଦା। ଜଳପ୍ରପାତରୁ ପାଣି ଝରିବା ପରେ ଏକ ସ୍ୱତନ୍ତ୍ର ପ୍ରାକୃତିକ କେନାଲ ଦେଇ ଏହି ଜଳ ପୁଣି ତଳମୁଣ୍ଡରେ ମହେନ୍ଦ୍ରତନୟା ନଦୀ ସହିତ ସଂଯୁକ୍ତ ହୋଇଛି। ଇତିହାସରେ ପ୍ରଥମ ଥର ପାଇଁ ଗଣ୍ଡାହାତୀ ଜଳପ୍ରପାତରେ ପାଣି ନ ଝରିବା ଦୃଶ୍ୟ ପରିବର୍ତ୍ତିତ ଜଳବାୟୁ ଜନିତ କାରଣ ବୋଲି ଆଲୋଚନା ହେଉଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ସେମାନେ କେବେ ହେଲେ ଏଭଳି ଦେଖିନାହାନ୍ତି। କିନ୍ତୁ, ଉପରମୁଣ୍ଡରେ ଲମ୍ବା ସମୟ ଧରି ବର୍ଷା ନଥିବା ହେତୁ ବୋଧହୁଏ ଭୂତଳ ଜଳସ୍ତର ହ୍ରାସ ପାଇଛି। ଏଣୁ ଏହାର ପ୍ରଭାବ ପଡ଼ିଛି ଗଣ୍ଡାହାତୀ ଜଳପ୍ରପାତ ଉପରେ। ଅନ୍ୟପଟେ ଏହା ଋତୁ ପରିବର୍ତ୍ତନର ଏକ ସଂକେତ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଅବାଧ ଜଙ୍ଗଲ କଟା, ପାହାଡ଼ିଆ ଅଞ୍ଚଳରେ କାଜୁ ଚାଷ, ପଲିଥିନ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର, ଭୋଜିଭାତ କରି ପରିବେଶ ଦୂଷିତକରଣ ଆଦି ଏହି ଅଞ୍ଚଳର ବିବିଧତାକୁ ନଷ୍ଟ କରୁଥିବା ବେଳେ ବର୍ତ୍ତମାନ ଖରାଦି ?ନରେ ପର୍ଯ୍ୟଟକଙ୍କ ଆଗମନ ଶୂନ। ତେବେ, ଗଣ୍ଡାହାତୀ ଜଳପ୍ରପାତ ଶୁଖିଯିବା ପରେ ଏଭଳି ଜଳାଭାବ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ଆହୁରି କଲବଲ କରିବ କି ବୋଲି ଆଲୋଚନା ହେଉଛି।

## ମରାମତି ହେଉନି ୱାଟରକୁଲର: ଯାତ୍ରୀ ହନ୍ତସନ୍ତ

ଘଟଗାଁ, ୩୦/୪ (ନି.ପ୍ର): ମରାମତି ହେଉପାରୁନି ୱାଟରକୁଲର। ଫଳରେ ଯାତ୍ରୀ ମାନେ ପାଣିପାଇଁ ଘସିପୁରା ବସଷ୍ଟାଣ୍ଡରେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ, ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ୧୪ ନଂ ୱାର୍ଡର ଘସିପୁରା ନୂତନ କରି ନିର୍ମାଣ ହୋଇଥିବା ବସଷ୍ଟାଣ୍ଡରେ ଏକ ୱାଟରକୁଲର ଲାଗିଥିଲା। ଏଥିରେ ଥଣ୍ଡା ପାଇଁ ମଧ ମିଳୁଥିଲା। ଏହି ୱାଟରକୁଲର ଟି ଦୀର୍ଘଦିନ ହେଲା ଖରାପ ହୋଇପଡ଼ିଥିବାରୁ ବସରୁ ଓହ୍ଲାଉଥିବା ଯାତ୍ରୀ ମାନେ ପାନୀୟ ଜଳ ନିମନ୍ତେ ସମସ୍ୟା ଭୋଗୁଛନ୍ତି ।

## କେନ୍ଦ୍ରାପଡ଼ା କେନାଲ ଉପରେ ପୋଲ ନିର୍ମାଣ ପାଇଁ ମନକରପୁର ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା, ୩୦/୪ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ମନକରପୁର ଗ୍ରାମର ଶତାଧିକ ଗ୍ରାମବାସୀ ତାଙ୍କ ଗ୍ରାମ ନିକଟରେ କେନ୍ଦ୍ରାପଡ଼ା କେନାଲ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ଦାବି କରି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ମନକରପୁର ଗ୍ରାମର ଗ୍ରାମବାସୀଙ୍କ ସମେତ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକଙ୍କ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ତାଙ୍କ ଗ୍ରାମଠାରୁ ବହୁ ଦୂରରେ ନିରୋଳା ସ୍ଥାନରେ ଏକ ପୋଲ ଥିବାରୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଓ ମହିଳାମାନେ ମଦୁଆମାନଙ୍କ ଭୟରେ ଯାତାୟତ କରିପାରୁ ନାହାଁନ୍ତି। ମନକରପୁର ସ୍କୁଲ ସାମନାରେ କେନ୍ଦ୍ରାପଡ଼ା କେନାଲ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ମଞ୍ଜୁଲତା ବେହେରା, ସସ୍ମିତା ବେହେରା, ଇପସିତାମୟୀ ସାହୁ, ଝୁନା ସାହୁ, ଭାରତୀ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ପୋଲ ନିର୍ମାଣ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମତଦାନ ଓ ମେସିନ୍...

ଏକି ସରଳ ଭୋଟ୍ ଦାନ ଏବଂ ଗଣନା ପଦ୍ଧତି ଏକ ନିର୍ବାଚନୀ ଗଣତନ୍ତ୍ରର ମୂଳଦୁଆ ଗଠନ କରିଥାଏ ଏବଂ ସେଥିପାଇଁ ପ୍ରଚଳିତ ବ୍ୟବସ୍ଥା ଉପରେ ଲୋକମାନେ ଯେ କୌଣସି ସମୟରେ ଗୋଟିଏ ଦୁଇଟି ସନ୍ଦେହଜନକ ପ୍ରଶ୍ନ ଉଠାଇବା ଏକ ସମ୍ପୂର୍ଣ୍ଣ ସ୍ୱାଭାବିକ କଥା । ଆଗରୁ ନିର୍ବାଚନ ସମୟରେ ନିଜ ସପକ୍ଷରେ ଜନମତକୁ ନେବା ପାଇଁ ବୁଥ୍ କବ୍‌ଜା କରିବାଠାରୁ ଆରମ୍ଭ କରି ଅନେକ ପ୍ରକାରର କାର୍ଯ୍ୟମାନ କରାଯାଉଥିଲା, ଯାହା ସ୍ୱଚ୍ଛ ଓ ନିରପେକ୍ଷ ଜନମତ ପ୍ରତି ଏକ ନିରବଚ୍ଛିନ୍ନ ବିପଦ ଥିଲା, କାରଣ ଏସବୁ କାର୍ଯ୍ୟ ନିର୍ବାଚନକୁ ଏକ ପ୍ରହସନରେ ପରିଣତ କରୁଥିଲା। ତେବେ ସାମ୍ପ୍ରତିକ ସମୟରେ ଭୋଟର ପରିଚୟପତ୍ରର ପ୍ରଚଳନ ଏବଂ ପର୍ଯ୍ୟାପ୍ତ ପରିମାଣରେ ଆଇନ ପ୍ରବର୍ତ୍ତନ କଳକୁ କାର୍ଯ୍ୟକାରୀ କରିବା ସମେତ ବିଭିନ୍ନ ପ୍ରକାରର ପଦକ୍ଷେପ ନେଇ ଭାରତ ଯଥେଷ୍ଟ ଅଧିକ ସନ୍ତୋଷ ଆଣିଦେବା ଭଳି ସେହିସବୁ ପ୍ରସଙ୍ଗକୁ ଅନେକାଂଶରେ ସମାଧାନ କରି ପାରିଛି। ପରନ୍ତୁ, ବର୍ତ୍ତମାନ ସମୟରେ ଭୋଟ୍ ଗ୍ରହଣ କରାଯାଉଥିବା ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ଗୁଡ଼ିକରେ ଟାମ୍ପରିଂ ବା ହେରଫେର କରାଯିବାର ସମ୍ଭାବନା ଏକ ଚିନ୍ତାର କାରଣ ହୋଇଛି, ଯାହାକୁ ନେଇ ନିୟମିତ ବ୍ୟବଧାନରେ କୋର୍ଟଗୁଡ଼ିକରେ ଦାଖଲ କରା ଯାଉଥିବା ପିଟିସନଗୁଡ଼ିକ ଦର୍ଶାଉଛନ୍ତି। ମେସିନଗୁଡ଼ିକର ପ୍ରଦର୍ଶନକୁ ନେଇ କୋର୍ଟଗୁଡ଼ିକ ଏ ପର୍ଯ୍ୟନ୍ତ ନିବେଦନକାରୀମାନେ ସନ୍ଦେହ ପ୍ରକଟପୂର୍ବକ ଉପସ୍ଥାପନ କରୁଥିବା ତତ୍ତ୍ୱଗୁଡ଼ିକ ଉପରେ ସେପରି କିଛି ଆଶ୍ୱାସନା ପ୍ରଦାନକାରୀ କାର୍ଯ୍ୟ କରି ନଥିଲେ ସୁଦ୍ଧା ସେହିସବୁ ଅବସରକୁ ପ୍ରଚଳିତ ବ୍ୟବସ୍ଥାରେ ଅଧିକ ଉନ୍ନତି ଘଟାଇବା ନିମନ୍ତେ ପରାମର୍ଶ ପ୍ରଦାନ କରିବା ପାଇଁ ବ୍ୟବହାର କରିଛନ୍ତି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ମଧ୍ୟ ଏହି ଢାଞ୍ଚାକୁ ଅନୁସରଣ କରିଛନ୍ତି, ଯେତେବେଳେ ଗତ ସପ୍ତାହରେ ଏହା ସେହି ପିଟିସନକୁ ଖାରଜ କରି ଦେଇଛନ୍ତି ଯାହା ଲୋକସଭା ନିର୍ବାଚନର ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପାଟ୍ )ଗୁଡ଼ିକର ୧୦୦ ପ୍ରତିଶତ ଯାଞ୍ଚକୁ ପରିସରଭୁକ୍ତ କରିବା ବା କାଗଜ ବ୍ୟାଲଟ୍ ବ୍ୟବସ୍ଥାକୁ ପ୍ରତ୍ୟାବର୍ତ୍ତନକୁ ଚାହିଁଥିଲା। କୋର୍ଟ କାଗଜ ବ୍ୟାଲଟ୍ ପ୍ରତ୍ୟାବର୍ତ୍ତନର ସମ୍ଭାବନାକୁ ଖାରଜ କରି ଦେଇଥିଲେ, ଯାହା ଏବେ ମଧ୍ୟ ବିଭିନ୍ନ ଗଣତାନ୍ତ୍ରିକ ପଦ୍ଧତିରେ ଶାସିତ ଦେଶମାନଙ୍କରେ ପ୍ରଚଳିତ ଅଛି । ଏହା ମଧ୍ୟ ଭିଭିପାଟ୍ ଯାଞ୍ଚକୁ ବର୍ତ୍ତମାନର ପ୍ରଚଳିତ ପାଞ୍ଚ ପ୍ରତିଶତରୁ ୧୦୦ ପ୍ରତିଶତକୁ ବଢ଼ାଇବାର ଦାବିକୁ ଗ୍ରହଣ କରି ନେବାକୁ ମନା କରି ଦେଇଥିଲେ। ତେବେ କୋର୍ଟ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କୁ ଆଉ ଦୁଇଗୋଟି ସତର୍କତାମୂଳକ ପଦକ୍ଷେପକୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଯଦି କୌଣସି ରାଜନୀତିକ ଦଳ ସନ୍ଦେହ ପ୍ରକଟ କରନ୍ତି, ତା'ହେଲେ ସେଗୁଡ଼ିକୁ ଯାଞ୍ଚ କରିବା ନିମନ୍ତେ ସୁଯୋଗ ପ୍ରଦାନ କରିବ। ଏହି ଦୁଇ ପଦକ୍ଷେପ ମଧ୍ୟରୁ ପ୍ରଥମଟି ହେଉଛି- ଫଳାଫଳ ପ୍ରକାଶ ପାଇବା ପରେ ପ୍ରତୀକ ବହନ କରୁଥିବା ୟୁନିଟ୍‌ଗୁଡ଼ିକୁ ଅର୍ଥାତ୍ ମେସିନ୍‌ଗୁଡ଼ିକୁ ୪୫ ଦିନ ପର୍ଯ୍ୟନ୍ତ କମିଶନ ସିଲ୍ କରି ସାଇତି ରଖିବେ, ଯଦ୍ୱାରା ଯଦି କୌଣସି ନିର୍ବାଚନ ପିଟିସନ୍ କେହି ଦାଖଲ କରନ୍ତି, ତା'ହେଲେ ତା'ର ଯାଞ୍ଚ କରାଯାଇ ପାରିବ । ଦ୍ୱିତୀୟଟି ହେଉଛି, ପ୍ରତ୍ୟେକ ସଂସଦୀୟ ନିର୍ବାଚନ ମଣ୍ଡଳୀର ବିଧାନସଭା କ୍ଷେତ୍ର ପ୍ରତି ଇଭିଏମ୍ ଗୁଡ଼ିକର ପାଞ୍ଚ ପ୍ରତିଶତରେ ନିୟନ୍ତ୍ରଣ ୟୁନିଟ୍, ବ୍ୟାଲଟ୍ ୟୁନିଟ୍ ଏବଂ ଭିଭିପାଟ୍ ଯାଞ୍ଚ କରିବା ନିମନ୍ତେ ଇଚ୍ଛା କରିବା ନିମନ୍ତେ ପ୍ରାର୍ଥୀମାନଙ୍କୁ ଅନୁମତି ପ୍ରଦାନ କରାଯିବା । ଏହି ପାଞ୍ଚ ଇଭିଏମ୍ ନିର୍ମାତାମାନଙ୍କର ଇଞ୍ଜିନିୟରମାନଙ୍କର ଏକ ଦଳ ଦ୍ୱାରା କରାଯିବ। ଏହି ଦ୍ୱୈତ ବ୍ୟବସ୍ଥା ସେହି ପ୍ରାର୍ଥୀମାନଙ୍କ ପାଇଁ ସହାୟକ ହେବ ଯେଉଁମାନେ ସନ୍ଦେହ କରିବେ ଯେ ସେମାନଙ୍କ ବିଜୟ ପଥରେ ଇଭିଏମ୍ ପ୍ରତିବନ୍ଧକ ସାଜିଛି ଏବଂ ସେମାନେ ପଛକୁ ଫେରି ଦେଖି ପାରିବେ ସେମାନଙ୍କ ଆଶଙ୍କାର ବାସ୍ତବରେ କୌଣସି ପ୍ରକାରର ଭିତ୍ତି ଅଛି କି ନାହିଁ । କୋର୍ଟ ଲଗାତର ଭାବରେ ଏଇ ନିଷ୍ପତ୍ତିରେ ଅଟଳ ରହି ଆସିଥିଲେ ଯେ ପ୍ରଯୁକ୍ତି ଉପରେ ସମ୍ପୂର୍ଣ୍ଣ ଅବିଶ୍ୱାସ କରାଯିବା ଉଚିତ ନୁହେଁ ଏବଂ ତା' ପରିବର୍ତ୍ତେ ଆମେ ବ୍ୟବସ୍ଥାରେ ଉନ୍ନତି ଘଟାଇବା ନିମନ୍ତେ ଏହାର ବ୍ୟବହାର କରିବା ଉଚିତ । ତାଙ୍କର ଏହି ଚିନ୍ତାଧାରା ସହିତ ତାଳ ରଖି କୋର୍ଟ ନିର୍ବାଚନ କମିଶନଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତି ଭିଭିପାଟ୍ କାଗଜ ସ୍ଲିପ୍‌ଗୁଡ଼ିକରେ ବାର୍ କୋଡ୍ ଦିଆଯାଇ ପାରିବ କି ନାହିଁ, ସେ ସମ୍ପର୍କରେ ଦେଖିବାକୁ ଯଦ୍ୱାରା ସେଗୁଡ଼ିକର ଇଲେକ୍ଟ୍ରୋନିକ୍ ପ୍ରଣାଳୀରେ ଗଣନା କରାଯାଇ ପାରିବ । ଏଭଳି ଏକ ବ୍ୟବସ୍ଥା ଯଦି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଏ, ତା'ହେଲେ ଇଭିଏମ୍‌କୁ ନେଇ ଲୋକମାନଙ୍କ ମନରେ ରହିଥିବା ସନ୍ଦେହରେ ପ୍ରାୟତଃ ପୂର୍ଣ୍ଣଚ୍ଛେଦ ପକାଯାଇ ପାରିବ, କାରଣ ଭୋଟର ତାଙ୍କର ସ୍ଲିପ୍‌ଟିକୁ ଯାଞ୍ଚ କରି ପାରିବେ, ଯେଉଁଥିରେ ତାଙ୍କ ପସନ୍ଦର ପ୍ରତୀକ ରହିଥିବ ଏବଂ ଇଲେକ୍ଟ୍ରୋନିକ୍ ମେସିନ୍ ତାକୁ ହାତରେ ଗଣନା କରିବା ଅପେକ୍ଷା ଅଧିକ ଦ୍ରୁତ ଗତିରେ ଗଣନା କରି ପାରିବ। ନିର୍ବାଚନ କମିଶନ କୋର୍ଟଙ୍କର ଏହି ପରାମର୍ଶଗୁଡ଼ିକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ଉଚିତ ଏବଂ ବୈଷୟିକ ଭାବରେ ଏପରି କାମ କରିବା ଯଦି ସମ୍ଭବପର ହୁଏ ବୋଲି ଏହା ଜାଣି ପାରନ୍ତି, ତା'ହେଲେ ଏହାକୁ ତୁରନ୍ତ ପରବର୍ତ୍ତୀ ନିର୍ବାଚନଠାରୁ କାର୍ଯ୍ୟକାରୀ କରିବା ଉଚିତ। କୋର୍ଟ ନିଜର ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଆବେଦନକାରୀମାନେ ଉଠାଇ ଥିବା ପ୍ରତ୍ୟେକଟି ପଏଣ୍ଟ ଉପରେ ବାରମ୍ବାର ନିର୍ବାଚନ କମିଶନଙ୍କ ପ୍ରତିକ୍ରିୟା ଚାହିଁବା ସୂଚାଇ ଥାଏ ଯେ ଏଭଳି ସୂଚନା ସର୍ବସାଧାରଣ ପରିସରରେ ଉପଲବ୍ଧ ନୁହେଁ। ଏକଥା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ସାଧାରଣ ଜନତାଙ୍କୁ ଇଭିଏମ୍‌ଗୁଡ଼ିକ ଉପରେ ଯେତେ ସୂଚନା ଉପଲବ୍ଧ, ସେସବୁ ପ୍ରତ୍ୟେକଟି ପ୍ରଦାନ କରାଯିବା ଆବଶ୍ୟକ। ନିର୍ବାଚନ କମିଶନ ବର୍ତ୍ତମାନ କେବଳ କୋର୍ଟଙ୍କ ପରାମର୍ଶଗୁଡ଼ିକୁ ମାନିବେ ନାହିଁ, ବରଂ ନିଜ ବ୍ୟବସ୍ଥାର ସଚ୍ଚୋଟତା ଓ ସ୍ୱଚ୍ଛତା ସମ୍ପର୍କରେ ସମସ୍ତଙ୍କୁ ବୁଝାଇବା ନିମନ୍ତେ ଉଦ୍ୟମ କରିବା ଉଚିତ । ଏହା ମଧ୍ୟ କୋର୍ଟଗୁଡ଼ିକ ତାଙ୍କୁ ପରାମର୍ଶ ପ୍ରଦାନ କରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ପରିବର୍ତ୍ତେ ନିଜେ ନିର୍ବାଚନ ପାଇଁ ଅନୁସରଣ କରୁଥିବା ପଦ୍ଧତିରେ କିପରି ଅଧିକ ସ୍ୱଚ୍ଛତା ରହିବ, ତା'ର ପ୍ରଚଳନ କରିବା ନିମନ୍ତେ ପଦକ୍ଷେପ ନେବା ଉଚିତ।




ଯଶସ୍ୱିନୀ ପଟ୍ଟନାୟକ


## ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେଚ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ।

ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜ ଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେନରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତି ବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିବା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ। କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଭାରତରେ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୁଜୁରାଟ, ଉତ୍ତର ପ୍ରଦେଶ ପରି ବିଭିନ୍ନ ରାଜ୍ୟରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଓଡ଼ିଶା ସରକାର କିନ୍ତୁ ଆଉ ପାଦେ ଆଗକୁ ଯାଇ ଆତ୍ମରକ୍ଷା କୌଶଳ କ୍ଲବ ଗଠନ ସହ ଅନ୍ୟାନ୍ୟ ଉତ୍ସାହଜନକ ସହଯୋଗଭିତ୍ତିକ କାର୍ଯ୍ୟକ୍ରମର ଦାୟିତ୍ୱ ହାତକୁ ନେଇଛନ୍ତି। ଆମ ସମୟରେ ସାମାଜିକ କ୍ଷେତ୍ରରେ ଅନେକ ସମୟରେ ଝିଅମାନେ କେବଳ ନିଜ ସୁରକ୍ଷା ନୁହେଁ ଆଖି ସାମ୍ନାରେ ସଂଗଠିତ କୌଣସି ଅସହାୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପଛଘୁଞ୍ଚା ଦେଇଥାନ୍ତି। ଏ ସଂକ୍ରାନ୍ତୀୟ ଅନେକ ଖବର ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଉଛି। ତେଣୁ ଆମ ଝିଅମାନେ ଆତ୍ମରକ୍ଷା କୌଶଳ ତାଲିମରେ ଜଣେ ଜଣେ ପ୍ରଶିକ୍ଷିତା ଯୋଦ୍ଧା ଭାବେ କାର୍ଯ୍ୟ କରିବେ। କେବଳ ନିଜ ବା ବନ୍ଧୁବର୍ଗ ବା ପରିବାରର ନୁହଁ ସର୍ବୋପରି ସମାଜର ସୁରକ୍ଷା ଦାୟିତ୍ୱରେ ଯେଉଁ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିବେ ଏହି ପ୍ରସଙ୍ଗରେ ମନେପଡ଼ିଯାଉଛି ବୀରାଙ୍ଗନା ଲକ୍ଷ୍ମୀବାଈଙ୍କ କଥା। ଜୀବନ ଯୁଦ୍ଧରେ ଅନେକ ଝିଅ ମାନଙ୍କୁ ଅସହାୟ ବା ଅବଳା ଦୁର୍ବଳା ଭାବିବାର ଆଉ ସମୟ ହିଁ ନାହିଁ। ଦିନକୁ ଦିନ ଆମ ସାମାଜିକ ବ୍ୟବସ୍ଥା ସୁଦୃଢ଼ ହେଉଛି ଏ କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରୋତ୍ସାହନର ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି ଏବଂ ଆମ ସମସ୍ତଙ୍କର ଏ କ୍ଷେତ୍ରରେ ପ୍ରେରଣାର ସହଯୋଗ ଭିତ୍ତିକ ଗୁରୁଦାୟିତ୍ୱ ମଧ୍ୟ ରହିଛି। କାରଣ ଏବେ ବି ସମାଜରେ କୌଣସି ଏକ କ୍ଷେତ୍ରରେ ଝିଅଟିର ଅସହାୟ ଚିତ୍ରକୁ ଅନ୍ୟମାନେ ଏକ ତାମସାର ଦର୍ଶକ ଭାବେ ମୂକସାକ୍ଷୀ ଭାବେ ଦେଖୁଥିବାର ଉଦାହରଣ ମଧ୍ୟ ରହିଛି। ଯାହାକି ସମାଜବିତ ଓ ଆମ ସମସ୍ତଙ୍କ ପାଇଁ ଛାତି ଥରାଇ ଦେବାପରି ଅଘଟଣ ଠାରୁ କମ ନୁହଁ। ତେଣୁ ଆମ ଝିଅମାନେ ନିଜେ ସୁରକ୍ଷିତ ରହିବା ସହ ଆମ ସମାଜର ସୁରକ୍ଷା ଦାୟିତ୍ୱକୁ ହାତକୁ ନେବା କମ ଗୌରବର କଥା ନୁହେଁ। କଲ୍ୟାଣମୟୀ ଆମ ସୁନା ଝିଅ ମାନଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଆଶୀର୍ବାଦ ସହିତ ସହଯୋଗ ଭଲପାଇବା ରହିଥିଲା, ରହିଛି ଆଉ ରହିବ ମଧ୍ୟ।


ସୂଚନାଥାଉକି ଯେ ୨୦୧୩ରେ ରାଜ୍ୟ ସରକାରଙ୍କ ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ହୋଇଥିଲା। ଯୁକ୍ତ୨ ସମେତ ଯୁକ୍ତ ୩ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କୁ ତାଲିମ ଦିଆଯିବାର ନିୟମ ରହିଛି। ଛାତ୍ରୀଙ୍କ ଶାରୀରିକ ଓ ମାନସିକ ସାମର୍ଥ୍ୟ ବୃଦ୍ଧି କରିବ, ଛାତ୍ରୀଙ୍କ ସହ ସମକକ୍ଷ କରିବା, ଛାତ୍ରୀଙ୍କ ଶକ୍ତି ବଢ଼ାଇବା ପାଇଁ ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଦିନକୁ ଦିନ ସାମାଜିକ କ୍ଷେତ୍ରରେ ଆମ ଝିଅମାନେ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରୁଥିବାରୁ ଏବଂ ସେମାନଙ୍କ ନିତିଦିନିଆ ଜୀବନରେ ଆତ୍ମରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ଏହି ସମୟୋପଯୋଗୀ ନିଷ୍ପତ୍ତିକୁ ସବୁ ମହଲରେ ପ୍ରଶଂସା କରାଯାଉଛି।



ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ





ଗୋପୀନାଥ ଦାଶ


## ସିନେ ତାରକାମାନେ ସତ୍ୟରେ କ'ଣ ଗ୍ରହଣୀୟ ନେତା ?

ଆମେ ପିଲାଦିନୁ ପଢ଼ିଛେ ଜଣେ ବଡ଼ ମଣିଷଙ୍କ କଥା – "ଉତ୍କଳେ ନେତାଙ୍କ ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ"। ଆଜିର ନିର୍ବାଚନକୁ ଦେଖିଲେ ଲାଗୁଛି ଏହି ବିଲକ୍ଷଣ ଧାଡ଼ିଟି ସମ୍ଭବତଃ ଅପ୍ରାସଙ୍ଗିକ ହୋଇଗଲାଣି। ପ୍ରତି ନିର୍ବାଚନରେ ଭେଳିକି ଭେଳିକି ନେତା ଉଡ଼ା ଚଢ଼େଇ ପରି ଏ ଦଳରୁ ସେ ଦଳକୁ ଡେଇଁଥାନ୍ତି, କେହି କେହି ନୂଆ ବି ରାଜନୀତିକୁ ଆସିଥାନ୍ତି। ରାଜନୀତିରେ ସିନେ ତାରକାଙ୍କ ଗହଳି ଓ ପ୍ରଭାବ ଦାକ୍ଷିଣାତ୍ୟରେ ବେଶ୍ ଜୋରଦାର ଭାବେ ଦେଖିବାକୁ ମିଳିଥାଏ। ସେପଟେ ସିନେ ତାରକାମାନେ ବିପୁଳ ଭୋଟରେ ନିର୍ବାଚନ ଜିଣିବାକୁ ସକ୍ଷମ ହୋଇଥାନ୍ତି। କିନ୍ତୁ ଓଡ଼ିଶା କଥା ଟିକେ ଅଲଗା। ଏହି ସିନେ ତାରକାମାନେ ସମ୍ଭବତଃ ରାଜନୀତିକୁ ସିନେମା ଭାବି ଆସିଥାନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି। ଏମିତିରେ କହିଲେ ଆଜିର ସମୟରେ ଓଡ଼ିଶାର ବଡ଼ ନେତାଭାବେ ଅନୁଭବ ମହାନ୍ତିଙ୍କଠାରୁ ସିଦ୍ଧାର୍ଥ ମହାପାତ୍ର, ଆକାଶ ଦାସ ନାୟକଙ୍କଠାରୁ ଅରବିନ୍ଦ ରାୟ ଏପରି ଆହୁରି କେତେ କ'ଣ ନେତାସବୁ ଅଛନ୍ତି। ତେବେ ନେତାମାନଙ୍କ ନିର୍ବାଚନରେ ଯୋଗଦାନ ସବୁଠାରୁ ବଡ଼ ଜଟିଳ ଅଡୁଆ ସୃଷ୍ଟି କରିଛି ଯାଜପୁରର ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀରେ। ଦିନ ଥିଲା ଏଠାରେ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଓ ଉପ-ବାଚସ୍ପତି ପଦ ପରି ଗରିମାମୟ ପଦମଣ୍ଡନ କରି ରାଜବାସୀଙ୍କ ସେବା କରିଛନ୍ତି। କିନ୍ତୁ ନିଜକୁ ବଡ଼ ଦଳ କହୁଥିବା ବିଜେଡ଼ିର ଏପରି କ'ଣ ଅଡୁଆ ପରିସ୍ଥିତି ହେଲା ଯେ କେତେ କେତେ ନେତାଙ୍କୁ ଛାଡ଼ି ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀଭାବେ ବଡ଼ଚଣା ବାସୀ ଉପରେ ଏକପ୍ରକାର ଲଦି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ବଡ଼ଚଣା ନିର୍ବାଚନ ମଣ୍ଡଳୀ କିମ୍ବା ଏହାର ପଡ଼ୋଶୀ ନିର୍ବାଚନ ମଣ୍ଡଳୀ ସହ ବର୍ଷା ପ୍ରିୟଦର୍ଶିନୀଙ୍କ ସହ କୌଣସି ପ୍ରକାର ସମ୍ପର୍କ ନାହିଁ। ତେବେ ଦଳ ଏପରି ବିବାଦୀୟ ଓ ଅଗ୍ରହଣୀୟ ନିଷ୍ପତ୍ତି କାହିଁକି ନେଲା ତାହା ଭୋଟ୍ ଫଳରୁ ବେଶ୍ ଭଲଭାବେ ଜଣାପଡ଼ିଯିବ। କାରଣ ବର୍ଷା ପ୍ରିୟଦର୍ଶିନୀଙ୍କ ମୁକାବିଲା ହେବ ବିଜେପିର ଲୋକପ୍ରିୟ ଯୁବ ଚେହେରା ଓ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଅମର ନାୟକଙ୍କ ସହିତ। ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ ବିଜେପି ବେଶ୍ ସଙ୍ଗଠିତ କରି ମଜବୁତ କରି ସକ୍ଷମ ହୋଇଥିବା ବେଳେ ବର୍ଷା ପ୍ରିୟଦର୍ଶିନୀଙ୍କ ଆଗମନ ଅମର ନାୟକଙ୍କ ବିଜୟ ବ୍ୟବଧାନକୁ ଆହୁରି ବଢ଼ାଇ ଦେବାରେ ନିଶ୍ଚିନ୍ତ ସକ୍ଷମ ହେବ।

ଅସଲ କଥା ହେଉଛି ସିନେ ତାରକାମାନେ ରାଜନୀତିକୁ ଆସିବାର ମୋହ ସେମାନଙ୍କୁ ଏହି ବୃତ୍ତିକୁ ଟାଣି ଆଣିଥାଏ। ଏହା ଏକ ସ୍ୱାଭାବିକ କଥା ସିନେମାରେ ଚକମକ୍ ଅଭିନୟର ଯାଦୁ ଦେଖାଉଥିବା ତାରକାମାନଙ୍କୁ ପାଖରେ ଦେଖିବାକୁ ସମସ୍ତେ ଟିକେ ଚାହାଁନ୍ତି। ସିନେ କଳାକାରମାନେ ନିଜ ଅଭିନୟ ଯାଦୁରେ ଲୋକ ଗହଳି ସୃଷ୍ଟି କରିପାରନ୍ତି। କିନ୍ତୁ ଏହା ନିଶ୍ଚିନ୍ତ ସତ୍ୟ କୌଣସି ରାଜନୈତିକ ଦଳର ବିନା ପୃଷ୍ଠପୋଷକତା, ପ୍ରୋତ୍ସାହନ ଓ ବାନର ବିନା ସେମାନେ ଜିତିବାକୁ ସମ୍ପୂର୍ଣ୍ଣ ଅସମର୍ଥ। କେତେକ କ୍ଷେତ୍ରରେ ଦେଖାଯାଏ ନିର୍ବାଚନରେ ଦଳର ପ୍ରଚାର କରିଥିବା ନାମଜାଦା ଅଭିନେତା ଅଭିନେତ୍ରୀମାନଙ୍କୁ ରାଜନୈତିକ ଦଳମାନେ ପରବର୍ତ୍ତୀ ସମୟରେ ଟିକେଟ ଦେଇଥାନ୍ତି। କିନ୍ତୁ ରାଜନୀତିର ଅ-ଅକ୍ଷର ଜାଣିନଥିବା ଦାଉପେଞ୍ଚ ଭିତରେ ଅନେକ ଗୋଳିଆପାଣି ଭିତରେ ପଶି ବିଫଳ ହୋଇଥାନ୍ତି। ପରଦାରେ ଦୁଃଖୀରକ୍ଷୀଙ୍କ ମନକୁ ବୁଝୁଥିବା ଅଭିନେତା ଜଣେ ବାସ୍ତବରେ କ'ଣ ଦୁଃଖୀ, ଅଭାବୀ, ଅସହାୟ ମଣିଷର ଦୁଃଖକଷ୍ଟକୁ ବୁଝିବାରେ ସମର୍ଥ ହୋଇଥାଏ କି ? ମୁହଁରେ ପାଉଡର ବୋଲି ରାଜନୀତିର ରଙ୍ଗ ଭିତରେ ଅନେକ ସିନେ କଳାକାର ବାଟବଣା ହୋଇ ପରିଶେଷରେ ରାଜନୀତିରୁ ଓହରି ଯାଇଛନ୍ତି। କିନ୍ତୁ ରାଜନୀତିରେ କ୍ୱଚିତ୍ ସଫଳ ହୋଇଛନ୍ତି। କିଛିଦିନ ତଳେ ନବୀନ ନିବାସରେ ଓଡ଼ିଶାର ବାବୁ ସାନ୍, ଅମ୍ଳାନ, ପପୁ ପମନମ୍, ଭୂମିକା, ସୁପ୍ରିୟାଙ୍କ ଭଳି ଅଭିନେତା ଅଭିନେତ୍ରୀମାନେ ସୁପ୍ରିମୋଙ୍କୁ ସାକ୍ଷାତ୍ କରି ନିର୍ବାଚନରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପ୍ରଚାରରେ ଏମାନେ ଭୋଟ୍ ସଂଗ୍ରହରେ କିଛି ମାତ୍ରାରେ ଗ୍ରହଣୀୟ ହୋଇ କିଛିଟା ଭୋଟ ପ୍ରାର୍ଥୀଙ୍କ ପାଇଁ ଯୋଗାଡ଼ କରିବାରେ ସମର୍ଥ ହୋଇଥାନ୍ତି। ରାଜନୈତିକ ଦଳର ସୁପ୍ରିମୋ ଓ ମୁଣ୍ଡିଆଳମାନଙ୍କ ବଡ଼ ଆଶା ଓ ଭରସା ଯେ ଏହି ଲୋକପ୍ରିୟ ସିନେ ତାରକାମାନେ ଦଳରେ ମିଶି ନିର୍ବାଚନରେ ଛିଡ଼ାହେଲେ ସେମାନଙ୍କର ଦର୍ଶକ ଓ ସମର୍ଥକ ଦଳ ପ୍ରତି ଭୋଟ ଅଜାଡ଼ି ଦେବେ। କିନ୍ତୁ ଓଡ଼ିଶା ପରି ସ୍ୱାଭିମାନି ରାଜ୍ୟରେ ଏହା ସମ୍ଭବ ହୋଇପାରି ନଥାଏ। ଯାଜପୁରର ବଡ଼ଚଣାରେ ଅଞ୍ଚଳବାସୀ ବର୍ଷା ପ୍ରିୟଦର୍ଶିନୀଙ୍କ ପରି ଅଭିନେତ୍ରୀଙ୍କୁ ସ୍ୱାଭିମାନର ଆଇନା ନିଶ୍ଚୟ ଦେଖାଇବେ ଏଥିରେ ଦ୍ୱିମତ ନାହିଁ। ତୃଣମୂଳ ସ୍ତରରେ ନେତାମାନେ ଗ୍ରହଣୀୟ ହୋଇପାରନ୍ତି ନାହିଁ। ପ୍ରଚାର ଦାୟିତ୍ୱରେ ସୀମିତ ରହିଲେ ସେମାନଙ୍କୁ କର୍ମୀମାନେ ସହଯୋଗ କରିପାରନ୍ତି ସିନା କିନ୍ତୁ ସେମାନଙ୍କୁ ନେତା ଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରନ୍ତି। ଅନେକ ଦଳ ନିର୍ବାଚନରେ ଏହି ସିନେ ତାରକାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଟିକେଟ ଦେଇ ପରେ ଟିକେଟ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି। ତେଣୁ ଏ କ୍ଷେତ୍ରରେ ଦଳୀୟ ନେତୃବର୍ଗ ସେମାନଙ୍କର ରଣନୀତି ଓ ରାଜନୈତିକ ଗୋଟି ଚାଳନା କ'ଣ କରିବେ ? କ'ଣ ରଖିବେ ? ତାହା ତ ସେମାନଙ୍କର ଦଳୀୟ ବେପାର କିନ୍ତୁ ଏହି ସିନେ ତାରକାମାନେ ଚକମକ କରୁଥିବା ସେମାନଙ୍କ ମୁହଁର ଆଉ ଅଭିନୟର ଯାଦୁ ନେଇ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କର ସମର୍ଥନ ଜୁଟାଇ ପାରୁଛନ୍ତି କି ନାହିଁ ତାହା ତ ସମୟ କହିବ ?


ଅସଲ କଥା ହେଉଛି ସିନେ ତାରକାମାନେ ରାଜନୀତିକୁ ଆସିବାର ମୋହ ସେମାନଙ୍କୁ ଏହି ବୃତ୍ତିକୁ ଟାଣି ଆଣିଥାଏ। ଏହା ଏକ ସ୍ୱାଭାବିକ କଥା ସିନେମାରେ ଚକମକ୍ ଅଭିନୟର ଯାଦୁ ଦେଖାଉଥିବା ତାରକାମାନଙ୍କୁ ପାଖରେ ଦେଖିବାକୁ ସମସ୍ତେ ଟିକେ ଚାହାଁନ୍ତି। ସିନେ କଳାକାରମାନେ ନିଜ ଅଭିନୟ ଯାଦୁରେ ଲୋକ ଗହଳି ସୃଷ୍ଟି କରିପାରନ୍ତି। କିନ୍ତୁ ଏହା ନିଶ୍ଚିନ୍ତ ସତ୍ୟ କୌଣସି ରାଜନୈତିକ ଦଳର ବିନା ପୃଷ୍ଠପୋଷକତା, ପ୍ରୋତ୍ସାହନ ଓ ବାନର ବିନା ସେମାନେ ଜିତିବାକୁ ସମ୍ପୂର୍ଣ୍ଣ ଅସମର୍ଥ।



ବରଦା, ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୮୮୯୫୨୯୬୧୬୭







### ଶ୍ରମିକ ଦିବସେ ବିଚାର ଆମ...

ରାମଚନ୍ଦ୍ର ବେହେରା

ମଇ ମାସ ଏକ ତାରିଖେ ଆସିଛି
ବିଶ୍ୱ ଶ୍ରମିକ ଦିବସ
ଯାହା ପାଇଁ ଦେଶ ପ୍ରଗତି କରୁଛି
ସେ ଆମ ଚିର ନମସ୍ୟ
ଦିବାରାତି ଶ୍ରମ କରି
ଦୁନିଆଁକୁ ଯିଏ ନୂଆ ରୂପ ଦିଏ
ଭୁଲି ନିଜ ସୁଖ ଶିରୀ।
ନଦୀବନ୍ଧ ରାସ୍ତା କଳ କାରଖାନା
ଗଢ଼େ ଅଟ୍ଟାଳିକା ସିଏ
ଦେବାଳୟ ଗୀର୍ଜା ମସଜିଦ୍ ଆଦି
ତା ପାଇଁ ଜଗତେ ଶୋହେ
ସ୍ୱଳ୍ପ ରୋଜଗାର ପାଏ
ପରିବାର ପାଇଁ ଦେଶ ବିଦେଶରେ
ଦାଦନ ଖଟଇ ସିଏ।
ଲହୁଲୁହ ଢାଳି କରମ କରେ ସେ
କର୍ମ ତା ଜୀବନ ଧର୍ମ
ଦେଶ ହିତ ପାଇଁ ଶ୍ରମଦାନ କରେ
ଭୁଲି ମାନ ଅଭିମାନ
ସେ ପରା ଆମରି ମିତ
ଖରା ବର୍ଷା ଶୀତ ତା ପାଇଁ ସମାନ
ଖଟୁଥାଏ ଅବିରତ।
କର୍ମମୟ ତାର ନିରୀହ ଜୀବନ
ବସୁଧାର ଯୋଗ୍ୟ ପୁତ୍ର
ଅର୍ଥାଭାବ ସହ ପରିବାର ପାଳେ
ଖଟିଖଟି ଦିବାରାତ୍ର
ଆଜି ଏ ଶୁଭ ମୁହୂର୍ତ୍ତେ
ଆସ କିଛି ନୂଆ ନିୟମ ଗଢିବା
ଶ୍ରମିକ ଭାଇର ହିତେ।
ନିର୍ଦ୍ଦିଷ୍ଟ ସମୟ ଶ୍ରମ ତା ରହିବ
ପାଇବ ଉଚ୍ଚ ପାଉଣା
ମାନ ସନମାନ ଦେବା ତାକୁ ସର୍ବେ
ସମାଜରେ ହେବ ଗଣା
ସେ ଆମ ଅମୂଲ୍ୟ ରତ୍ନ
ଯା' ପାଇଁ ହସୁଛି ଏ ସାରା ଦୁନିଆଁ
ତା' ଆଶା କରିବା ପୂର୍ଣ୍ଣ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### ଅପେକ୍ଷାର ଚିତ୍ରଟିଏ

ସୁଧାକର ରାଉତ



ଭେଟି ଦେଇଥିଲେ ମୋତେ
ସ୍ୱପ୍ନର କଳାବଉଦ
ସୃଷ୍ଟି କରିଥିଲା ସିଏ
ନଭଶ୍ଚୁମ୍ବି ସଉଧ ।
ଭାବିଥିଲି ସେ ବଉଦୁ
ବରଷିବ ଯେତେ ସୁଖ ବାରି
ମୋ ଭାବନା ପୃଥିବୀ କୁ ସିଏ
ବସିବ ଆବୋରି ।
ସେଥିପାଇଁ ନିଦାଘରେ
ତାପର ନାଲିଆଖିକୁ ନଡରି
ଶ୍ରାବଣରେ ଭିଜି ଭିଜି
ବସନ୍ତରେ ଗାଉଥିଲି ମିଳନର ଗୀତି।
ଋତୁମାନଙ୍କ ଆଡକୁ ମୁହଁ କରି
ଦୁଇ ହାତ ତୋଳି
ମାଗୁଥିଲି ମୁଠା ମୁଠା ପ୍ରୀତି ।
ପୂର୍ଣ୍ଣଚ୍ଛେଦ ବିହୀନ ତୁମ ପ୍ରେମେ
ହୋଇ ମତୁଆଲା
ବନ୍ଧନୀ ମଧ୍ୟରେ ସାଇତି ଥିଲି
ବିରାମ ଚିହ୍ନ ଦେଇ
ଯେତେ ସବୁ ସୁଖର ପିଆଲା ।
ବିଭୋରିତ ମନ ମୋର
ଯନ୍ତ୍ରଣାରେ ଛଟପଟ ହେବା ପର୍ଯ୍ୟନ୍ତ
ସବୁ ସମ୍ପର୍କକୁ ମନଭରି
ଆକଣ୍ଠେ କରୁଥିଲା ପାନ ।
ହେଲେ ଡାହାଣୀ ଆଲୁଅରେ
ପଥଭ୍ରଷ୍ଟ ପଥିକ କଣ
ପହଞ୍ଚିପାରେ ତାର
ପୂର୍ବ ନିର୍ଦ୍ଧାରିତ ସ୍ଥାନରେ
କରି ସଠିକ୍ ନିରୂପଣ ।


ପ୍ରତାପନଗରି, କଟକ
ମୋ: ୮୮୯୫୧୬୩୩୦୨


### ଫେରି ଦେଖେଁ

କୀର୍ତ୍ତନ ସାହୁ

ଘରେ ରହି
ଫେରି ଦେଖେଁ
ମୋ ପିଲା ଦିନ
ନିର୍ମଳ ଆକାଶ
ଅହରହ କ୍ରିୟାଶୀଳ
ବିମଳ ପରିବେଶ

ମୋ ବୋଉର
ପ୍ରଶାନ୍ତ ହୃଦୟ
ତା ମଧୁ ବୋଲା ମମତାର
ସଶକ୍ତ ବନ୍ଧନ

କାନ ଡେରି ଶୁଣେ
ମୋ ଶୈଶବର ମଧୁର ମୂର୍ଚ୍ଛନା
ଗାଁ ଦାଣ୍ଡ ଧୂଳିଘର
ପ୍ରୀତିର ପାର୍ବଣ

ଛବି ଆଙ୍କେ
ଆମ ଚାଳ ଘର
ସ୍ୱର୍ଗ ପୁର
ଅତୁଟ ବନ୍ଧନରେ ଛନ୍ଦା
ଆମ ସୁଖୀ ପରିବାର

ଅନୁଭବେ
ଶାଗ ପଖାଳର ପରମ ତୃପ୍ତି
ନୂଆ ପୋଷାକ ଖଣ୍ଡେ ପିନ୍ଧିବାର
ଅଫୁରନ୍ତ ଆନନ୍ଦ

ନା ଥାଏ କିଛି
ଆଶାରେ ନିରାଶା
ନା ଅପ୍ରାପ୍ତିର ବିଷାଦ ଭାବ

ମିଳାଏ ମୋ ଏବେକାର
ଜୀବନ ଶୈଳୀର
ଚିତ୍ରପଟ ସହ
ହତାଶ ହୁଏ
ପରାସ୍ତ ସୈନିକର
ଚିନ୍ତା ଘାରି ବସେ ।


ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ସଂପର୍କରେ କୌଣସି ତୃତୀୟ ବ୍ୟକ୍ତିଙ୍କୁ ନେଇ ଭୟ ଅଛି କି... ଧ୍ୟାନରେ ରଖନ୍ତୁ ଏହି ୫ କଥା, ଭାଙ୍ଗିବନି ଘର



**ଆଜିକାଲି ପରକୀୟା ପ୍ରୀତି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହି କାରଣରୁ ଅନେକ ପରିବାର ଭାଙ୍ଗି ଯାଉଛନ୍ତି ଏବଂ ସମ୍ପର୍କରୁ ଭରସା ମଧ୍ୟ ଉଠିଯାଉଛି। ଯଦି ଆପଣ ନିଜର ସମ୍ପର୍କକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି ଏବଂ ସମ୍ପର୍କରେ କୌଣସି ତୃତୀୟ ବ୍ୟକ୍ତିଙ୍କ ପ୍ରବେଶକୁ ରୋକିବାକୁ ଚାହୁଁଛନ୍ତି, ତେବେ କେତେକ ଜିନିଷଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପଡିବ। ଏକ ସମ୍ପର୍କକୁ ଦୃଢ ରଖିବା ପାଇଁ ବିଶ୍ୱାସ, ଭରସା, ପାରସ୍ପରିକ ବୁଝାମଣା ଏବଂ ପରସ୍ପରଙ୍କ ସମସ୍ୟାରେ ଏକାଠି ଠିଆ ହେବା ଆବଶ୍ୟକ। କିନ୍ତୁ ଆଜିକାଲିର ଧାଁ ଧପଡ ଭିତରେ ଜୀବନ ମଣିଷକୁ ଏମିତି ଏକ ମୋଡରେ ଠିଆ କରେଇ ଦିଏ ଯେଉଁଠାରେ ବ୍ୟକ୍ତି ଗ୍ଲାମରରେ ହଜିଯାଏ ଏବଂ ସେହି ରାସ୍ତା ଆଡକୁ ଚାଲିଯାଏ ଯେଉଁଠି ତା'ର ପ୍ରେମରେ ପୂର୍ଣ୍ଣ ସମ୍ପର୍କର ଅନ୍ତ ହେବା ଆରମ୍ଭ ହୁଏ। ସଂପର୍କରେ ଏକ ତୃତୀୟ ବ୍ୟକ୍ତିର ପ୍ରବେଶ ଅର୍ଥାତ୍ ପରକୀୟା ପ୍ରୀତି ହେଉଛି ଏପରି ଏକ ପରିସ୍ଥିତି ଯାହା ବସିଥିବା ଘରକୁ ଭାଙ୍ଗିଦିଏ ଏବଂ ପରବର୍ତ୍ତୀ ସମୟରେ ଅନେକ ଥର ଦମ୍ପତିମାନେ ଚାହିଁଲେ ମଧ୍ୟ ଏକ ହୋଇପାରନ୍ତି ନାହିଁ। ଯଦି ଆପଣ ନିଜର ସମ୍ପର୍କରେ ତୃତୀୟ ବ୍ୟକ୍ତିଙ୍କ ପ୍ରବେଶକୁ ବନ୍ଦ କରିବାକୁ ଚାହୁଁଛନ୍ତି, ତେବେ କେତେକ ଗୁରୁତ୍ୱପୂର୍ଣ୍ଣ କଥାକୁ ମନେରଖନ୍ତୁ।**

### ସଂପର୍କରେ ସମ୍ମାନ:

ସଂପର୍କରେ ସମ୍ମାନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଦମ୍ପତିମାନେ ପରସ୍ପରଙ୍କ ବିଚାର, ଆବଶ୍ୟକତା, ପସନ୍ଦ ଇତ୍ୟାଦିକୁ ସମ୍ମାନ କରନ୍ତି ସେତେବେଳେ ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି। ଏହା ସେମାନଙ୍କ ସମ୍ପର୍କକୁ ମଜବୁତ କରିବାର କାମ କରେ ଏବଂ କୌଣସି ତୃତୀୟ ପକ୍ଷ କେବେବି ଏହି ସମ୍ପର୍କକୁ ପ୍ରବେଶ କରିପାରିବେ ନାହିଁ।

### ସୀମା ପ୍ରତି ସତର୍କ:

ବିବାହିତ ଦମ୍ପତିମାନେ ସେମାନଙ୍କର ସୀମା ଜାଣିବା ଉଚିତ। ଏପରି ପରିସ୍ଥିତିରେ, ଯଦି କେହି ଆପଣଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ଏବଂ ଆପଣଙ୍କ ସୀମାକୁ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ତାଙ୍କୁ ସେଠାରେ ରୋକିବାକୁ ଚେଷ୍ଟା କରନ୍ତୁ। ଆପଣ ଏକଥା ନିଜ ସାଥୀଙ୍କୁ ମଧ୍ୟ କହିବା ଉଚିତ୍ ଏବଂ ତାଙ୍କୁ ସତର୍କ କରାଇବା ଉଚିତ।

### ଚୁଗୁଲି ପ୍ରତି ସତର୍କ:

ଯଦି କେହି ଆପଣଙ୍କ ସାମ୍ନାରେ ଆପଣଙ୍କ ସାଥୀଙ୍କ ବିଷୟରେ ଚୁଗୁଲି କରୁଛନ୍ତି କିମ୍ବା ଆପଣଙ୍କ ସାଥୀଙ୍କ ସାମ୍ନାରେ ଆପଣଙ୍କ ବିଷୟରେ କଥାବାର୍ତ୍ତା କରି ଆପଣଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରୁଛନ୍ତି, ତେବେ ଆପଣ ସତର୍କ ହେବା ଉଚିତ। ଏହିପରି ଲୋକମାନେ ବିଭାଜନ ସୃଷ୍ଟି କରି ସମ୍ପର୍କ ମଧ୍ୟରେ ମତଭେଦ ସୃଷ୍ଟି କରିପାରନ୍ତି।

### ବିଶ୍ୱାସ ଦେବା:

ଆପଣ ସବୁବେଳେ ନିଜ ସାଥୀଙ୍କୁ ଖୋଲାଖୋଲି ଭାବରେ କହିବା ଉଚିତ ଯେ ଆପଣ ସବୁବେଳେ ତାଙ୍କ ସହିତ ରହିବେ ଏବଂ କୌଣସି ବି ପରିସ୍ଥିତିରେ ତାଙ୍କଠାରୁ ଦୂରେଇ ଯିବେ ନାହିଁ। ଫଳରେ ଆପଣଙ୍କ ସାଥୀ କେବେବି ନିଜକୁ ଅସୁରକ୍ଷିତ ମନେ କରିବେ ନାହିଁ ଏବଂ ପ୍ରତ୍ୟେକ ପରିସ୍ଥିତିରେ ଆପଣଙ୍କୁ ବିଶ୍ୱାସ କରିବେ।

### ତୃତୀୟ ବ୍ୟକ୍ତି ପ୍ରତି ସତର୍କ:

ଯଦି କୌଣସି ତୃତୀୟ ବ୍ୟକ୍ତି ସମ୍ପର୍କରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଠିକ ସମୟରେ ଆପଣଙ୍କ ସାଥୀ ସହିତ ଏ ବିଷୟ ଉପରେ ଆଲୋଚନା କରିବା ଭଲ ହେବ। କଥାହେବା ଦ୍ୱାରା ଆପଣଙ୍କ ମଧ୍ୟରେ କୌଣସି ଭୁଲ ଯୋଗାଯୋଗ ହେବ ନାହିଁ ଏବଂ ଆପଣ ଦୁହେଁ ପ୍ରତ୍ୟେକ ପଦକ୍ଷେପରେ ଏକ ଟିମ୍ ଭାବରେ କାମ କରିବେ।

## କିପରି ତିଆରି କରିବେ ରାବିଡ଼ି ଲସି: ଜାଣନ୍ତୁ ପ୍ରଣାଳୀ

ଆବଶ୍ୟକ ସାମଗ୍ରୀ: ଚିନି, କ୍ଷୀର, ବରଫ, ମିଲ୍କ ମେଡ୍, ଦହି, ବନଭିଟା ପାଉଡର, ନଡ଼ିଆ କୋରା, ଚକଲେଟ୍ ସିରଫ, ପିସ୍ତା, କାଜୁ ଓ ଲିଚି

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କରେଇକୁ ବସାଇ ଅଳ୍ପ ଗରମ କରନ୍ତୁ। ଏହାପରେ ସେଥିରେ କ୍ଷୀର ପକାଇ କିଛି ସମୟ ପର୍ଯ୍ୟନ୍ତ ଫୁଟାନ୍ତୁ। କ୍ଷୀରଟି ଫୁଟି ଫୁଟି ବହଲିଆ ହୋଇ ଆସିଲେ ସେଥିରେ କିଛି ଚିନି ପକାନ୍ତୁ।ଏହାକୁ ଭଲ ଭାବରେ ଗୋଳାନ୍ତୁ। ପରେ ଚିନି କ୍ଷୀର ସହ ମିଶିବା ପରେ ସେଥିରେ ଗୁଜରାତି ଗୁଣ୍ଡ ପକାଇ ଦିଅନ୍ତୁ। ପରେ ତାକୁ ତଳକୁ ଓହ୍ଲାଇ ଦିଅନ୍ତୁ। ଏହାକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ ।

ପରେ ଘୋଳ ଦହି ଚିନି ଓ ବରଫକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ତାକୁ ଏକ ପାତ୍ରକୁ ଢାଳି ଦିଅନ୍ତୁ। ପରେ ଏକ ଗ୍ଲାସ ଆଣନ୍ତୁ। ତିଆରି କରିଥିବା ରାବଡ଼ିକୁ ଅଳ୍ପ ଗ୍ଲାସ ରଖନ୍ତୁ। ଏହାପରେ ଗ୍ରାଇଣ୍ଡିଂ କରିଥିବା ଦହିକୁ ଗ୍ଲାସରେ ଢାଳନ୍ତୁ। ପରେ ତା' ଉପରେ ରାବିଡ଼ିକୁ ପକାଇ ଦିଅନ୍ତୁ। ଲସିକୁ ସଜାଇବାକୁ ତା' ଉପରେ ବନଭିଟା ପାଉଡର ପକାଇ ଦିଅନ୍ତୁ। ପରେ ସେଥିରେ ନଡ଼ିଆ କୋରା, ମିଲ୍କ ମେଡ୍, ଚକଲେଟ୍ ସିରଫ, ପିସ୍ତା, କାଜୁ, ଓ ଲିଚି ଦେଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ରାବିଡି ଲସି।



## ଅପେକ୍ଷା କରିଛି ଖାଦ୍ୟ ଉଦ୍ୟୋଗ

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କାହାର ବା ଆଗ୍ରହ ନ ବଢ଼ିବ! କେବଳ ଖାଇବା ନୁହେଁ, ଏ କ୍ଷେତ୍ରରେ ନିଜର କ୍ୟାରିୟର ମଧ୍ୟ ଗଢ଼ିପାରିବେ । ପାରମ୍ପରିକ ଧାରାରୁ ବାହାରି ଏଥିପ୍ରତି ଦୃଷ୍ଟି ଦିଅନ୍ତୁ । ସ୍ୱାଦିଷ୍ଟ ସ୍ୱାଗତ କରିବ । ଷ୍ଟାଟିଷ୍ଟାଂର ଏକ ରିପୋର୍ଟ ଅନୁସାରେ ଗତବର୍ଷ ଦେଶରେ ଖାଦ୍ୟ ଉଦ୍ୟୋଗର ଆକାର ପ୍ରାୟ ୨୫ .୯୯ ବିଲିଅନ ଡଲାର ପାଖାପାଖି ରିଥିବା ବେଳେ ଆଗାମୀ କିଛିବର୍ଷ ମଧ୍ୟରେ ଏହା ୪୫.୯୭ ବିଲିଅନ ଡଲାରକୁ ଛୁଇଁବ ବୋଲି ଆଶା କରାଯାଉଛି । ତେଣୁ ଏ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ମଧ୍ୟ ସେହିପରି ବ୍ୟାପକ ହୋଇପାରିବ । କୌଣସି ତାରକା ହୋଟେଲରେ ସେଫ ହେବା ବ୍ୟତୀତ ଖାଦ୍ୟ ପ୍ରକ୍ରିୟାକରଣ, ମାନ ପରୀକ୍ଷଣ, ପ୍ୟାକେଜିଂ, ମାର୍କେଟିଂ ପରି କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ । ଖାଦ୍ୟ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ଦେଇପାରୁଥିବା କେତେକ ଦିଗ ସମ୍ପର୍କରେ ଜାଣନ୍ତୁ । ଫୁଡ୍ କ୍ରିଟିକ: ଖାଦ୍ୟପ୍ରିୟ ବ୍ୟକ୍ତିଙ୍କ ଲାଗି ଏହା କ୍ୟାରିୟର ଗଢ଼ିବାର ଏକ ଭଲ ବିକଳ୍ପ । ଏଥିରେ ଦେଶର ଭିନ୍ନଭିନ୍ନ ସ୍ଥାନକୁ ଯାଇ ସେଠାକାର ସ୍ଥାନୀୟ ଖାଦ୍ୟର ସ୍ୱାଦ, ସୁଗନ୍ଧ, ଗୁଣବତ୍ତା ସମ୍ପର୍କରେ ପରଖିବା ସହିତ ଏହି ଅନୁଭୂତିକୁ ଆଲୋଖ୍ୟ କିମ୍ବା ଭିଡିଓ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସେୟାର କରିବାକୁ ହୋଇଥାଏ ।





**ଶିକ୍ଷାଗତ ଯୋଗ୍ୟତା:-**

ଖାଦ୍ୟପ୍ରିୟ ହେବା ସହିତ ବିଭିନ୍ନ ପ୍ରକାର ଖାଦ୍ୟସାମଗ୍ରୀ, ଫ୍ଲେଭର ତଥା ଅନ୍ୟାନ୍ୟ ଉପାଦାନ ସମ୍ପର୍କରେ ଧାରଣା ରହିବା ଜରୁରୀ । ହେଟେଲ ମ୍ୟାନେଜମେଣ୍ଟ ତଥା କୁଲିନାରୀ ଆର୍ଟରେ ସ୍ନାତକ ହାସଲ କରିପାରନ୍ତି । ଲେଖିବା ଶୈଳୀକୁ ଉନ୍ନତ କରିବା ସହିତ ଇଂରାଜୀ ସାହିତ୍ୟ ଏବଂ ଗଣଯୋଗାଯୋଗ ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ସହାୟକ ହୋଇଥାଏ ।

**ନିଯୁକ୍ତି ସୁଯୋଗ:-**

ବଡ଼ ବଡ଼ ରେଷ୍ଟୋରାଁ, କାଫେ ହୋଟେଲ ଆଦି ନିଜ ପ୍ରସ୍ତୁତ ଖାଦ୍ୟର ସମୀକ୍ଷା ଲାଗି ଖାଦ୍ୟ ସମୀକ୍ଷକଙ୍କୁ ଆମନ୍ତ୍ରଣ କରନ୍ତି । ଏହା ବ୍ୟତୀତ ବୈଦ୍ୟୁତିକ ଏବଂ ମୁଦ୍ରଣ ଗଣମାଧ୍ୟମ ସହିତ ଖାଦ୍ୟ ସଂକ୍ରାନ୍ତ ୱେବସାଇଟରେ ବି ନିଜ ସମୀକ୍ଷା ଉପସ୍ଥାପନ କରିପାରିବେ।

**ଫୁଡ୍ ବ୍ଲଗର:-**

କୌଣସି ଭଲ ରେଷ୍ଟୋରାଁ ଖୋଜୁଥିଲେ କିମ୍ବା ଅନଲାଇନରେ ଖାଦ୍ୟ ଅର୍ଡର କରିବାକୁ ଚାହୁଁଥିଲେ ପ୍ରଥମେ ଅନ୍ୟ ଭିଜିଟରମାନଙ୍କ ସମୀକ୍ଷାକୁ ଅନଲାଇନରେ ପରଖିଥାନ୍ତି । ଏଗୁଡ଼ିକ ମଧ୍ୟରୁ ଏକାଧିକ ଫୁଡ ବ୍ଲଗର୍ସ ଲେଖିଥାନ୍ତି । ନିଜ ସହର ତଥା ଦେଶଦୁନିଆର ବିଭିନ୍ନ ସ୍ଥାନ ବୁଲି ସେଠାକାର ଦର୍ଶନୀୟ ସ୍ଥାନ ଏବଂ ସ୍ୱତନ୍ତ୍ର ଖାଦ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବା ସେମାନଙ୍କ ସଉକ ହୋଇଥାଏ । ଫୁଡ ବଲଗିଙ୍ଗ ଏବକାର ଯୁବପିଢ଼ି ମଧ୍ୟରେ ଏକ ପସନ୍ଦଯୋଗ୍ୟ ପେସା ପାଲଟିଛି ।

**ଶିକ୍ଷାଗତ ଯୋଗ୍ୟତା:**

ଏଥିପାଇଁ କୌଣସି ବିଶେଷ ପାଠ୍ୟକ୍ରମ ନଥିଲେ ବି ଫଟୋଗ୍ରାଫି, ଆଲେଖ୍ୟ ପ୍ରସ୍ତୁତ କରିବା, ବ୍ଲିଗିଙ୍ଗ ସହିତ ସୋସିଆଲ ମିଡିଆ ପରିଚାଳନା ଓ ଏଥିସହ ଜଡ଼ିତ ବିଭିନ୍ନ କୌଶଳ ଜାଣିବା ଲାଗି ସ୍ୱତନ୍ତ୍ର ଶିକ୍ଷା ହାସଲ କରିପାରନ୍ତି । ଡିଜିଟାଲ ମାର୍କେଟିଂ ଏବଂ ୱେବ୍ ଡିଜାଇନିଂ ଶିଖିବା ମଧ୍ୟ ଭଲ ।

**ନିଯୁକ୍ତି ସୁଯୋଗ:-**

ଅଧିକାଂଶ ଫୁଡ ବ୍ଲଗର ନିଜସ୍ୱ ବ୍ଲଗରେ ଲେଖୁଥିବା ବେଳେ ଖାଦ୍ୟ ଏବଂ ଜୀବନ ଶୈଳୀ ସଂକ୍ରାନ୍ତ ପ୍ରତିଷ୍ଠିତ ୱେବସାଇଟଗୁଡ଼ିକରେ ବି ଏମାନଙ୍କୁ ପୂର୍ଣ୍ଣ ସମୟ ଆଂଶିକ ସମୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ ।

**ନ୍ୟୁଟ୍ରିସନିଷ୍ଟ:-**

ଜଣଙ୍କର ବୟସ୍କ ଓଜନ ଉଚ୍ଚତା ଏବଂ ଲିଙ୍ଗ ଅନୁଯାୟୀ ତାଙ୍କ ପାଇଁ ସଠିକ୍ ଖାଦ୍ୟ ଏବଂ ପୋଷକ ତତ୍ତ୍ୱ ନିର୍ଦ୍ଧାରଣ କରିବା ଲାଗି ନ୍ୟୁଟ୍ରିସପିଷ୍ଟ ବା ପୋଷକ ତତ୍ତ୍ୱ ବିଶେଷଜ୍ଞ ଆବଶ୍ୟକ ହୋଇଥାନ୍ତି । ଏବେ ଦିନକୁ ଦିନ ଜୀବନଶୈଳୀ ସଂକ୍ରାନ୍ତ ରୋଗ ବଢ଼ି ଚାଲିଥିବାରୁ ଏଭଳି ବିଶେଷଜ୍ଞଙ୍କ ପରାମର୍ଶ ବେଶୀ ଦରକାର ହେଉଛି ।

**ଶିକ୍ଷାଗତ ଯୋଗ୍ୟତା:-**

ହୋମସାଇନ୍ସ, ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ କିମ୍ବା ଫୁଡ ଟେକନୋଲୋଜିରେ ସ୍ନାତକ କରିବା ପରେ ନ୍ୟୁଟ୍ରିସନ ଆଣ୍ଡ ଡାୟାବେଟିକ୍ସରେ ସ୍ନାତକତ୍ତୋର ହାସଲ କରିବାକୁ ହୁଏ । ଏହା ସହିତ କର୍ଣ୍ଣଣ୍ଡସିପ୍ ସମ୍ପୂର୍ଣ୍ଣ କରିବା ସହ ଆଇଡିଏର ଲାଇସେନ୍ସ ଲାଗି ହେଉଥିବା ପରୀକ୍ଷା ପାସ କରିବା ଜରୁରୀ ।

**ନିଯୁକ୍ତି ସୁଯୋଗ:-**

ପୋଷକ ତତ୍ତ୍ୱବିଶେଷଜ୍ଞ ଭାବେ ପେଡିଆଟ୍ରିକ ନ୍ୟୁଟିସନ ସେଣ୍ଟର, ବେସରକାରୀ ଚିକିତ୍ସାକେନ୍ଦ୍ର, ବୃଦ୍ଧାଶ୍ରମ, ସ୍ପୋର୍ଟସ କ୍ଲବ୍, ଜିମ, ସ୍ଲିମିଂ ସେଣ୍ଟର ଆଦିରେ କ୍ୟାରିୟର ଗଢ଼ିପାରିବେ ।

**ଫ୍ଲେଭର କେମିଷ୍ଟ :-**

ବଜାରରେ ଉପଲବ୍ଧ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭିନ୍ନଭିନ୍ନ ସ୍ୱାଦ, ଯଥା- ଅରେଞ୍ଜ ଫ୍ଲେଭର ଷ୍ଟ୍ରବେରୀ ଫ୍ଲେଭର ଆଦିରେ ମିଳିଥାଏ । ଏହାକୁ ପ୍ରସ୍ତୁତ କରିବା ଲାଗି ଫ୍ଲେଭର କେମିଷ୍ଟ ଦରକାର ହୁଅନ୍ତି । ଏମାନେ ମୂଳ ସ୍ୱାଦ ଦେଇପାରୁଥିବା ତତ୍ତ୍ୱକୁ ଠାବ କରି ପ୍ରସ୍ତୁତ କରୁଥିବା ଖାଦ୍ୟରେ ଏହାକୁ ମିଶାଇ ଦିଅନ୍ତି । ଫଳରେ ଖାଦ୍ୟର ସ୍ୱାଦ ବଦଳିଯାଏ ।

**ଶିକ୍ଷାଗତ ଯୋଗ୍ୟତା:-**

ଏଥିପାଇଁ କେମିଷ୍ଟ୍ରି ବାୟୋକେମିଷ୍ଟ୍ରି କିମ୍ବା ଫୁଡ ସାଇନ୍ସରେ ସ୍ନାତକ ତଥା ସ୍ନାତକୋତ୍ତର ଉପାଧି ହାସଲ କରିବାକୁ ହୋଇଥାଏ । ଏହା ବ୍ୟତୀତ ସ୍ୱାଦ ଏବଂ ସୁଗନ୍ଧ କରିବାରେ ବିଶେଷ ଦକ୍ଷତା ରହିଥିବା ଜରୁରୀ ।


**ନିଯୁକ୍ତି ସୁଯୋଗ:-**

ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ଚା, କଫି, ଏବଂ ପାନୀୟ ପ୍ରସ୍ତୁତକାରୀ ଉଦ୍ୟୋଗ ଗୁଡ଼ିକରେ ନିଯୁକ୍ତି ମିଳିପାରେ । ଏହା ସହିତ ଔଷଧ , ପ୍ରସାଧନ ସାମଗ୍ରୀ ଏବଂ ପଶୁଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ବି ଫ୍ଲେଭର କେମିଷ୍ଟ ଆବଶ୍ୟକ କରିଥାନ୍ତି ।



## ସ୍ମୃତିଶକ୍ତି ଦୁର୍ବଳ କରାଏ ମେଦବହୁଳତା

ମୋଟାପଣ ବା ମେଦବହୁଳତାର ଶିକାର ହେଲେ ମଧୁମେହ, ହୃଦରୋଗ, ରକ୍ତଚାପ, ଦୁଶ୍ଚିନ୍ତା ବ୍ୟଗ୍ରତା ଭଳି ସମସ୍ୟା ପୁଜିବା ଆମେ ଜାଣୁ। ମାତ୍ର ଏହାଦ୍ୱାରା ସ୍ମୃତିହୀନତା ଭଳି ଜଟିଳ ମାନସିକ ସମସ୍ୟାରେ ପଡ଼ିବାରେ ଆଶଙ୍କା ମଧ୍ୟ ରହିଛି। ମେଦବହୁଳତା ଭୋଗୁଥିବା ଲୋକେ ଥରେ ସ୍ମୃତିହୀନତାର ଶିକାର ହେଲେ, ଅତୀତର ଘଟନା ଦୁର୍ଘଟଣା, ଏପରିକି ଦିନକ ପୂର୍ବରୁ ଖାଇଥିବା ଖାଦ୍ୟ କଥା ମଧ୍ୟ ସହଜରେ ମନେ



ପକାଇପାରନ୍ତି ନାହିଁ। ନିଷ୍ପତ୍ତି ନେବା, ସମସ୍ୟାର ସମାଧାନ କରିବା, ଭୁଲ୍ ଠିକ୍ ବିଚାର କରିବା କଷ୍ଟକର ହୁଏ। 'ଏକ୍ସପେରିମେଣ୍ଟାଲ ସାଇକୋଲୋଜି' ପତ୍ରିକାରେ ଏ ସମ୍ପର୍କରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି।

## ପ୍ରତିଦିନ ପିଅନ୍ତୁ ଏହି ପଣା; ବାଧିବ ନାହିଁ ଗରମର ପ୍ରଭାବ, ହେବ ନାହିଁ ଅଂଶୁଘାତ

ପ୍ରବଳ ଗରମ ଯୋଗୁଁ ଲୋକଙ୍କ ହାଲତ ପୂରା ଖରାପ। ଅନେକ ମଧ୍ୟ ପେଟଜନିତ ସମସ୍ୟାରେ ପିଡୀତ। ଏପରି ପରିସ୍ଥିତିରେ, ଖାଦ୍ୟର ବିଶେଷ ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ଗରମରେ ମଧ୍ୟ ଅଧିକ ଖାଦ୍ୟ ଖାଇବା ଉଚିତ ନୁହେଁ। ଏପରି ପରିସ୍ଥିତିରେ ଲୋକମାନେ ପ୍ରଚୁର ପରିମାଣରେ ଜୁଇସ୍ ଏବଂ ଫଳ ଖାଇବା ଉଚିତ, ଯାହା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ଉପୁଜିବ ନାହିଁ। ଏହି ସମୟରେ ବେଲ ପଣାକୁ ଅମୃତ ଭାବରେ ବିବେଚନା କରାଯାଏ। ଏଥିରେ କେବଳ ଗୋଟିଏ ନୁହେଁ ଅନେକ ଲାଭ ଅଛି, ଯାହା ଆପଣ ନିଶ୍ଚୟ ଜାଣିଥିବେ। ଗରମ ଦିନରେ ପ୍ରତ୍ୟେକ ଦିନ ଅତି କମରେ ଗୋଟିଏ ଗ୍ଲାସ ବେଲ ପଣା ପିଇବା ଉଚିତ। ଏହାର ପ୍ରକୃତି ହେଉଛି ଥଣ୍ଡା। ଏଥିରେ ଅତିକମରେ ୯୫% ଜଳ ଥାଏ, ଯେଉଁଥିପାଇଁ ଏହା ଶରୀରକୁ ଯିବା ପରେ ଚମତ୍କାର ଭାବରେ କାମ କରିଥାଏ। ଆସନ୍ତୁ ଏହାର ଅନ୍ୟାନ୍ୟ ଫାଇଦା ବିଷୟରେ ଜାଣିନେବା। ଏଥିରେ ୯୫% ଜଳ ଥିବାରୁ ବେଲ ପଣା ପିଇବା ଦ୍ୱାରା ଶରୀରରେ ଜଳର ଅଭାବ



ରୁହେ ନାହିଁ। ଶରୀର ୨୪ ଘଣ୍ଟା ହାଇଡ୍ରେଟ୍ ରହିଥାଏ। ଏହି କାରଣରୁ ଅଧିକ ଶୋଷ ଲାଗେ ନାହିଁ କି ଶରୀରରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନରେ କୌଣସି ସମସ୍ୟା ଦେଖାଦିଏନି। ଏହା ସବୁବେଳେ ଆପଣଙ୍କୁ ସତେଜ ରଖିବ। ଏଥିରୁ ଭିଟାମିନ୍ ଇ, ଈ, ଉ, ଜିଙ୍କ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଆଇରନ୍ ଭଳି ପୋଷକ ତତ୍ତ୍ୱ ମିଳିଥାଏ। ଏହି କାରଣରୁ, ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ଏବଂ ଶରୀରରେ ଦୁର୍ବଳତା ଭଳି କୌଣସି ଅସୁବିଧା ଆସେ ନାହିଁ। ଏହା ଆପଣଙ୍କୁ ସିଧାସଳଖ ଅଂଶୁଘାତରୁ ମଧ୍ୟ ରକ୍ଷା କରିଥାଏ। ବେଲରେ ପ୍ରାୟ ସୁଗାର ନ ଥାଏ। ଏହି କାରଣରୁ ଏହାକୁ ମଧୁମେହ ରୋଗୀଙ୍କ ଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହାର ପାଣା ପିଇପାରିବେ। ବେଲ ପଣା ତିଆରି କରିବାକୁ ହେଲେ ଆପଣଙ୍କୁ କେବଳ ଗୋଟିଏ ବେଲ ନେବାକୁ ପଡିବ। ଏଥିରେ ଥିବା ରସକୁ ବାହାର କରିବାକୁ ହେବ। ଆପଣ ଚାହିଁଲେ ଏଥିରେ ଅଳ୍ପ ଚିନି ମଧ୍ୟ ମିଶେଇ ଏହାକୁ ଗ୍ରାଇଣ୍ଡ୍ କରିପାରିବେ। ଏହାକୁ ତିଆରି କରିବା ବହୁତ ସହଜ।

# ସ୍ୱାଭିମାନ ସମାବେଶ କରି ସିଧାସଳଖ ଏମପିଙ୍କୁ ଟାର୍ଗେଟ କଲେ କାଳୁ

ଖୋର୍ଦ୍ଧା, ୩୦/୪ (ନି.ପ୍ର): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରମୁଖ ତିନି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଛି । ତେବେ ଖୋର୍ଦ୍ଧାରୁ ଭାଜପା ପକ୍ଷରୁ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପ୍ରାର୍ଥୀ କରିବା ପରେ ଦଳରେ ବିଦ୍ରୋହର ସ୍ୱର ଉଠିଛି । ଏନେଇ ମଳିପଡ଼ାରେ କାଳୁଚରଣ ଖଣ୍ଡାୟତରାୟ ସ୍ୱାଭିମାନ ସମାବେଶ କରି ସିଧାସଳଖ ଏମପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ପ୍ରଶାନ୍ତଙ୍କ ବିରୋଧରେ ବର୍ଷିଛନ୍ତି । ଅପରାଜିତାଙ୍କ ବିରୋଧରେ କାଳୁ ଯୁଦ୍ଧଂ ଦେହୀ ଡାକରା ଦେବା ସହ ଲୋକମତ ଅନୁଯାୟୀ ସ୍ୱାଧୀନ ଭାବେ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ଅପରାଜିତାଙ୍କୁ କାଳୁ କଡ଼ା ସମାଲୋଚନା କରି କହିଛନ୍ତି, 'ସେ ମିଥ୍ୟାବାଦିନୀ ଓ ଲାଂଚ ନିଅନ୍ତି ବୋଲି କାଳୁ ଅଭିଯୋଗ କରିଛନ୍ତି ଯେ, ଟିକେଟ ପାଇଁ ତାଙ୍କୁ ଅପରାଜିତା ୨ କୋଟି ଟଙ୍କା ମାଗିଥିଲେ । ମୁଁ ଟଙ୍କା ଦେବାକୁ ମନା କରିବାରୁ ପ୍ରଶାନ୍ତଙ୍କ ଠାରୁ ଟଙ୍କା ନେଇ ଟିକେଟ ଦେଇଦେଲେ । ଏପରିକି ଅପରାଜିତାଙ୍କ ବିରୋଧରେ କାଳୁ ଅନେକ ଅଭିଯୋଗ ଆଣିଛନ୍ତି । ଏହି ସମାବେଶରେ ଜୟଦେବରୁ ରାଘବ ସେଠୀ, ଅଧ୍ୟାପକ କିଶୋର ଦେବୀଦତ, ପୃଥ୍ୱୀରାଜ କୋଦାମସିଂ, ଲଳିତ ସ୍ୱାଇଁ, କୃଷକ ନେତା ପ୍ରେମାନନ୍ଦ ସାମନ୍ତରାୟ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ତ୍ରିଲୋଚନ ମହାପାତ୍ର, ରୁଦ୍ରନାଥ ପାଣିଗ୍ରାହୀ, ଅଭିନେତା ଅଖିଳ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ଦାସ, ବିପିନ ପାଲଟାସିଂହ, ଆଲୋକ ରଞ୍ଜନ ଛୋଟରାୟ, ରାମଚନ୍ଦ୍ର ପରିଡା, କିଶୋର ବରାଳ, ପ୍ରଦ୍ୟୁମ୍ନ ଜଗଦ୍ଦେବ, ଅଭିମନ୍ୟୁ ଘଟୁଆଳ, ଶୁଚିସ୍ମିତା ବଡଜେନା, ପ୍ରମୁଖ ମଂଚାସୀନ ଥିବାବେଳେ ୫ ହଜାରରୁ ଉର୍ଦ୍ଧ ସମର୍ଥକ ଯୋଗଦେଇଥିଲେ । କାଳୁ ସ୍ୱାଧୀନ ଭାବେ ଲଢ଼ିବା ନେଇ ଘୋଷଣା କରିବା ପରେ ଖୋର୍ଦ୍ଧା ରାଜନୀତି ଏବେ ସରଗରମ ହେବାରେ ଲାଗିଛି । ପ୍ରକାଶ ଥାଉକି, ଟିକେଟ ଘୋଷଣା ପୂର୍ବରୁ ଏକ ସଭାମଂଚରେ ପ୍ରଶାନ୍ତ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ହେବା ନେଇ ଅପରାଜିତାଙ୍କ ଘୋଷଣାକୁ କାଳୁ ଓ ସମର୍ଥକ ତୀବ୍ର ବିରୋଧ କରିଥିଲେ । ଏପରିକି ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ହଙ୍ଗାମା କରିଥିଲେ । ସେହିପରି ପ୍ରଶାନ୍ତଙ୍କୁ ନେଇ ଦଳରେ ଅଡୁଆ ବଢ଼ିବାରେ ଲାଗିଛି । କାଳୁଙ୍କ ସମର୍ଥକ କିଭଳି ଭାବେ ତାଙ୍କୁ ଗ୍ରହଣ କରିବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଜୈବବିବିଧତା ସମ୍ପନ୍ନ ଐତିହ୍ୟସ୍ଥଳୀ ହେବ ଗୁପ୍ତେଶ୍ୱର: ୧୪ ପଞ୍ଚାୟତ ଚିହ୍ନଟ, ୬୦୮ ପ୍ରଜାତିର ଉଦ୍ଭିଦ, ୨୮ ପ୍ରକାର ସ୍ତନ୍ୟପାୟୀ ଚିହ୍ନଟ

ଜୟପୁର, ୩୦/୪ (ନି.ପ୍ର): ଜୈବବିବିଧତା ଐତିହ୍ୟସ୍ଥଳୀ ହେବ ଗୁପ୍ତେଶ୍ୱର ଅଞ୍ଚଳ । ଏଥିପାଇଁ ଜୈବ ବିବିଧତା ବୋର୍ଡ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଗୁପ୍ତେଶ୍ୱରକୁ ଲାଗି ରହିଥିବା ୧୪ଟି ପଞ୍ଚାୟତକୁ ଚିହ୍ନଟ କରାଯାଇଛି । ଚିହ୍ନଟ ପଞ୍ଚାୟତରେ ରହିଛି କାଠପଡ଼ା, ପେଣ୍ଡାପୋଡ଼ା, ଚିପାକୋର, ତେନ୍ତୁଳିଗୁମ୍ମା, ଚେରକା, କେନ୍ଦୁଗୁଡ଼ା, କୋଲାର, ମାଠପଡ଼ା, ଦୋରାଗୁଡ଼ା, ଦଶମନ୍ତପୁର, ମାଝିଗୁଡ଼ା, ପୂଜାରୀଗୁଡ଼ା, ଫୁଲଭଟା ଓ ଗୁଣ୍ଡଳ । ଏହି ପଞ୍ଚାୟତରେ ଏଣିକି ଲୋକେ ନିଜନିଜ ଅଞ୍ଚଳର ଜୈବ ବିବିଧତାର ନଥି ପ୍ରସ୍ତୁତ କରିବେ । ଉକ୍ତ ତଥ୍ୟକୁ ଭିତ୍ତି କରି ପରବର୍ତ୍ତୀ ସମୟରେ ସ୍ଥାନୀୟ ଜୈବ ବିବିଧତାର ସଂରକ୍ଷଣ ଓ ପରିଚାଳନା କରାଯିବ । ନିକଟରେ ବୋର୍ଡ ପକ୍ଷରୁ ଜୟପୁର ବନ ବିଭାଗ ଓ ଏମ୍‌ଏସ୍ ସ୍ୱାମୀନାଥନ୍ ଗବେଷଣା କେନ୍ଦ୍ର ପକ୍ଷରୁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜୈବ ବିବିଧତାର ସଂରକ୍ଷଣ, ପରିଚାଳନା ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା । ଆବଶ୍ୟକ ତଥ୍ୟ ସଂଗ୍ରହ ପରେ ଉକ୍ତ ଯୋଜନାର ଚୂଡ଼ାନ୍ତ ରୂପରେଖ ତ୍ୱରାନ୍ୱିତ ହେବ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ଓଡ଼ିଶାର ୪ଟି ଅଞ୍ଚଳ ଫୁଲବାଣୀ ଜିଲ୍ଲା ରାଇକିଆ ବ୍ଲକ୍‌ର ମଣ୍ଡାସରୁ, କୋରାପୁଟର ଗୁପ୍ତେଶ୍ୱର, ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ଓ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଅଞ୍ଚଳକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିସାରିଛନ୍ତି । କିନ୍ତୁ ଗୋଟିଏ ବି ସ୍ଥାନର ମାଇକ୍ରୋ ପ୍ଲାନ୍ କରାଯାଇନି । ଅପରପକ୍ଷେ ବୋର୍ଡ ଏକାସାଙ୍ଗରେ ୪ଟି ସ୍ଥାନ ପାଇଁ ସଂରକ୍ଷଣ ଓ ପରିଚାଳନା ଯୋଜନା କରିବାକୁ ଚିନ୍ତା କରିଛି । ଯେଉଁଥିରେ ସ୍ଥାନୀୟ ଜୈବ ବିବିଧତାର ସଂରକ୍ଷଣ ସାଙ୍ଗକୁ ସ୍ଥାନୀୟ ଲୋକ କିପରି ଏହାଦ୍ୱାରା ଉପକୃତ ହେବେ ଓ ସେମାନଙ୍କର ଜୀବନ ସହ ଜୀବିକା ସୁରକ୍ଷିତ ହେବ ସେଥିପ୍ରତି ଧ୍ୟାନ ରଖାଯାଇଛି । ପଞ୍ଚାୟତ ସ୍ତରରେ ସ୍ଥାନୀୟ ଜୈବ ବିବିଧତା ଯେପରିକି ଉଦ୍ଭିଦ, ପ୍ରାଣୀ, ଜଳପ୍ରପାତ, ବୁଦା, ଲତା, ଗୁଳ୍ମ, ଔଷଧୀୟ ଗଛ ସମ୍ପର୍କରେ ତଥ୍ୟ ସଂଗ୍ରହ ପରେ ଏହାକୁ ବିଶ୍ଳେଷଣ କରାଯିବ । ବିଶ୍ଳେଷଣ ସମୟରେ




କେଉଁ ଗଛ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି, କେଉଁ ଗଛର ସଂଖ୍ୟା କମିଛି, କେଉଁ ଗଛର ସଂଖ୍ୟା ଭଲ ଅଛି, ତାହାର ଏକ ତଥ୍ୟଭିତ୍ତିକ ବିବରଣୀ ପ୍ରସ୍ତୁତ କରାଯିବ । ଏହାରି ମଧ୍ୟରେ ଜୟପୁର ବନ ବିଭାଗ ଓ ସ୍ୱାମୀନାଥନ୍ କମିଟି ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ବୈଦ୍ୟଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା । ସ୍ଥାନୀୟ ଔଷଧୀୟ ଗଛର ସଂଗ୍ରହ, ଏହାର ସଂରକ୍ଷଣ ଓ ପରିଚାଳନା ବାବଦରେ ଅଭିଜ୍ଞ ବୈଜ୍ଞାନିକମାନେ ବୈଦ୍ୟଙ୍କୁ ବୁଝାଇଥିଲେ । ସରକାରୀ ବିଜ୍ଞପ୍ତି ଅନୁସାରେ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭିତରେ ଗୁପ୍ତେଶ୍ୱର ଅଞ୍ଚଳର ୩୫୦ ହେକ୍ଟର ଜଙ୍ଗଲ ଯାଉଛି । ଓଡ଼ିଶା ଜୈବ ବିବିଧତା ବୋର୍ଡର ପ୍ରାଥମିକ ତଦନ୍ତ ବେଳେ ଉକ୍ତ ଅଞ୍ଚଳରୁ ୬୦୮ ପ୍ରଜାତିର ଉଦ୍ଭିଦ, ୨୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୮ ପ୍ରକାର ପକ୍ଷୀ, ୪୮ ପ୍ରକାରର ସରୀସୃପ, ୪୫ ପ୍ରକାର ମାଛ, ୧୪୧ ପ୍ରକାର ପ୍ରଜାପତି ସମେତ ୩୦ ପ୍ରଜାତିର ବୁଢ଼ିଆଣୀ, ୧୬ ପ୍ରକାର ବାଦୁଡ଼ି, ୧୮୨ ପ୍ରଜାତିର ଗଛ, ୭୬ ପ୍ରଜାତିର ଗୁଳ୍ମ, ୧୭୭ ପ୍ରଜାତିର ଔଷଧୀୟ ଗଛ, ୬୯ ପ୍ରଜାତିର ଲତା, ୧୪ ପ୍ରକାର ଅର୍କିଡ୍ ରହିଥିବା ସୂଚନା ମିଳିଛି ।

## ୧୨ଅଣ୍ଡା ସହ ୪ଫୁଟ ଲମ୍ବ ନାଗ ସାପ ଉଦ୍ଧାର

ଧର୍ମଶାଳା, ୩୦/୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ନେଉଳପୁର ଅଂଚଳରେ ଏକ ପରିତ୍ୟକ୍ତ କୂଅରୁ ୧୨ଟି ଅଣ୍ଡା ସହିତ ଗୋଟିଏ ନାଗ ସାପ ଉଦ୍ଧାର ହୋଇଛି । ଯାହାକୁ ଦେଖିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଭିଡ ଜମିଛି । ନାଗ ସାପକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯିବା ସହ ଅଣ୍ଡା ଗୁଡିକୁ ଲ୍ୟାବ୍‌କୁ ପଠାଇ ଦିଆଯାଇଛି ।

ସୂଚନା ମୁତବାକ, ଆଜି ସକାଳ ସମୟରେ ନେଉଳପୁର ଗ୍ରାମ ସଂଖ୍ୟଲଘୁ ବସ୍ତିରେ କିଛି ପିଲା କ୍ରିକେଟ ଖେଳୁ ଥିଲେ । ବଲଟି ନିକଟରେ ଥିବା ଜହିନୁରଙ୍କ ବାଡିରେ ଥିବା ଏକ କୂଅରେ ପଡି ଯାଇଥିଲା । ପିଲାମାନେ ବଲ ଖୋଜିବାକୁ ଯାଇ କୂଅ ଭିତରେ ଏକ ସାପ ଖେଳୁ ଥିବା ଦେଖିବାକୁ ପାଇଥିଲେ । ଯାହାକୁ ନେଇ ସେମାନେ ଘର ମାଲିକକୁ ଖବର ଦେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଶହଶହ ଲୋକଙ୍କ ରୁଣ୍ଡ ଦେଖିବାକୁ ମିଳିଥିଲା । ଏହି ଘଟଣାକୁ ନେଇ ଅଗ୍ନୀଶମ ବାହିନୀକୁ ଖବର ଦିଆ ଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ଚଣ୍ଡିଖୋଲ ଅଗ୍ନୀଶମ ବାହିନୀ,ବନ ବିଭାଗ ଓ ସାପ ଉଦ୍ଧାରକାରୀ ଘଟଣାସ୍ଥଳରେ ପଂହଚି କୂଅ ଭିତରୁ ସାପ ସହିତ ୧୨ଗୋଟି ସାପ ଅଣ୍ଡାକୁ ବାହାରକୁ ଅଣାଯାଇଥିଲା । ସାପଟି ୪ଫୁଟର ଲମ୍ବ ହେବ ବୋଲି ଜଣାପଡିଛି । ସାପଟିକୁ ଚିକିତ୍ସା କରି ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଥିବା ବେଳେ ୧୨ଗୋଟି ଅଣ୍ଡାକୁ ଲ୍ୟାବ୍‌କୁ ପଠାଇ ଦିଆଯାଇଥିବା ନେଇ ବନପାଳ ସୁଜିତ କୁମାର ଜେନା ସୂଚନା ଦେଇଛନ୍ତି ।

# ସୀମାରେ ପୁଲିସର ଯାଂଚ୍ କଡ଼ାକଡ଼ି

ବଲାଣି, ୩୦/୪ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଛି । ଏନେଇ ଜିଲାର ବିଭିନ୍ନ ସ୍ଥାନରେ ଯାନବାହାନ କଡ଼ାକଡ଼ି ଯାଂଚ୍ ଆରମ୍ଭ ହୋଇଥିବା ବେଳେ ସୀମାନ୍ତ ଖଣି କ୍ଷେତ୍ର ବଲାଣି ଥାନାକୁ ଲାଗି ରହିଥିବା ବିଭିନ୍ନ ସୀମାରେ ବଲାଣି ପୁଲିସ ପକ୍ଷରୁ ଯାଂଚ୍ କଡ଼ାକଡ଼ି କରାଯାଇଛି । ପଡୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ଲାଗିରହିଥିବା ଦୁଇଟି ସ୍ଥାନରେ ପୁଲିସ ବ୍ୟାରିକେଡ କରାଯାଇ ଯାତାୟାତ କରୁଥିବା ବିଭିନ୍ନ ଯାନକୁ ଏହି ଯାଂଚ୍ ରେ ସାମିଲ୍ କରାଯାଉଛି । ସୀମାରେ ଥିବା ବଡ଼ବିଲ କିରିବୁରୁ ରାସ୍ତାର ହିଲ୍ ଟପ୍ ସହିତ ଝାଡ଼ଖଣ୍ଡ ରାଜ୍ୟର ମନୋହରପୁର ଦେଇ ରାଉରକେଲା ଏବଂ ବଡାଜାମଦା ଦେଇ ଟାଟା କୁ ସଂଯୋଗ କରୁଥିବା ରାସ୍ତାର ଡିଏଭି ପବ୍ଲିକ ସ୍କୁଲ ନିକଟରେ ଏହି ଯାଂଚ୍ କୁ ବଲାଣି ପୁଲିସ କଡ଼ାକଡ଼ି ଭାବରେ କରୁଛି । ବିଭିନ୍ନ ଯାନ କୁ ତନ୍ନତନ୍ନ ଯାଂଚ୍ କରାଯାଉଥିବା ବେଳେ ବିଶେଷ କରି ଚାରିଚକିଆ ଓ ଦୁଇ ଚକିଆ ଗାଡିର ଡିକ୍କିକୁ ଯାଂଚ୍ କରାଯାଇ ପୁଲିସ ପକ୍ଷରୁ ଫୋଟୋ ଉଠାଯାଉଥିବାର ପରିଲକ୍ଷିତ ହେଉଛି । ତେବେ ସାଧାରଣ ନିର୍ବାଚନକୁ ପାରଦର୍ଶିତା କରିବା ଲକ୍ଷ୍ୟରେ ଏହି ଯାଂଚ୍ କରାଯାଉଥିବା ବେଳେ ବିଭିନ୍ନ ପ୍ରାର୍ଥୀ ଦ୍ୱାରା ଭୋଟରଙ୍କୁ ଲୋଭ ବଶବର୍ତ୍ତୀ କରି ଟଙ୍କା ବଂଟନ ଓ ବିଭିନ୍ନ ମାଦକ ଦ୍ରବ୍ୟ ଉପରେ ଅଙ୍କୁଶ ଲଗାଇବାକୁ ଏହି ଯାଂଚ୍ କରାଯାଉଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ରେଲୱେ ଷ୍ଟେସନରୁ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର, ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର, ୩୦/୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ରେଲୱେ ଷ୍ଟେସନରୁ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ସୂଚନା ମୁତାବକ, ଆଜି ସକାଳ ୯ଟା ସମୟରେ ଷ୍ଟେସନରେ ଥିବା କର୍ମଚାରୀ ବୃଦ୍ଧ ଜଣକ ଏପରି ଅବସ୍ଥାରେ ପଡିଥିବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଥିବା ସହ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ମୃତଦେହକୁ ଜବତ କରିଛି । ମୃତ୍ୟୁର କାରଣ ଓ ପରିଚୟ ଖୋଜିବାକୁ ଚେଷ୍ଟା ଜାରି ରଖିଛି । ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟତା ଲୋକଲୋଚନକୁ ଆସିବ ବୋଲି ପୋଲିସ ପକ୍ଷରୁ ସୂଚନା ରହିଛି ।

# ଅନ୍ତିମ ଶଯ୍ୟାରେ ଭେଡ଼େନ ନଦୀ: ୨୦ବର୍ଷରେ ନଦୀର ପ୍ରସ୍ଥ ୫୦ ମିଟରରେ ପହଞ୍ଚିଲାଣି

ଝାରସୁଗୁଡ଼ା, ୩୦/୪ (ନି.ପ୍ର): ଗୋଟିଏପଟେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମହାନଦୀକୁ ନେଇ ରାଜନୀତି ସରଗରମ ହୋଇଥିବା ବେଳେ ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମୂକସାକ୍ଷୀ କୁହାଯାଉଥିବା ଭେଡ଼େନ ନଦୀ ଏବେ ଅନ୍ତିମ ନିଶ୍ୱାସ ଗଣୁଛି । ଭେଡ଼େନ ନଦୀ ଐତିହାସିକ ସ୍ଥାନ ବଣାଇରୁ ବାହାରି ଝାରସୁଗୁଡ଼ା ଜିଲ୍ଲା ଖେରୁଆଲ୍‌ରେ ଇବ୍ ନଦୀ ସହିତ ମିଶିଛି । କିନ୍ତୁ, ଏହି ସଙ୍ଗମସ୍ଥଳ ପୂର୍ବରୁ ହିଁ ନଦୀକୁ ପୋତିଦେବାର ଅଭିଯାନ ଆରମ୍ଭ ହୋଇଛି । ବିଗତ ୨୦ ବର୍ଷରେ ଖେରୁଆଲରେ ନଦୀର ପ୍ରସ୍ଥ ୨ଶହ ମିଟରରୁ ହ୍ରାସ ପାଇ ଏବେ ୫୦ ମିଟରରେ ପହଞ୍ଚିଗଲାଣି । ଏହି ପ୍ରସଙ୍ଗରେ ପରିବେଶବିତ୍‌ମାନେ ହାଇକୋର୍ଟରୁ ନେଇ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ବି ହୋଇଛନ୍ତି । କିନ୍ତୁ, ନଦୀ ସୁରକ୍ଷା ଦିଗରେ ସରକାର କାଣିଚାଏ ବି ଆଗ୍ରହ ଦେଖାଉନଥିବାରୁ ଇବ୍ ନଦୀର ଏହି ଉପନଦୀ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ।



ସ୍ୱାଧୀନତା ସଂଗ୍ରାମର ଇତିହାସ ଦେଖିଲେ ସିପାହୀ ବିଦ୍ରୋହ ସମୟରେ ବି ଏହି ଭେଡ଼େନ ନଦୀ ଅନେକ ଗୁରୁତ୍ୱପୂର୍ଣ୍ଣ ବିଦ୍ରୋହ ତଥା ଯୁଦ୍ଧ ଦେଖିଛି । କୁଦୋପାଲି ଯୁଦ୍ଧରେ ଛବିଳ ସାଏ ନିହତ ହେବାପରେ ସଂଗ୍ରାମ ପାଇଁ ସୈନ୍ୟ ଯୋଗାଡ଼ିବାର ଦାୟିତ୍ୱ ନେଇଥିବା ସେତେବେଳର କୋଲାବିରା ଜମିଦାର କରୁଣାକର ସିଂହ ନାଏକଙ୍କ ଘର ଓ ବସ୍ତି ପୋଡ଼ି ଦେଇଥିଲେ ଇଂରେଜ ସୈନ୍ୟ । ଏହିସମୟରେ ଏବେର କୋଲାବିରା ବ୍ଲକ୍ ଭୋଗରାପାଲି ନିକଟସ୍ଥ ଭେଡ଼େନ ନଦୀର ରକତଝରିଆଠାରେ କରୁଣାକର ସିଂହ ନାଏକ ଓ ଇଂରେଜ ସୈନ୍ୟ ମୁହାଁମୁହିଁ ହୋଇଥିଲେ । ଯେଉଁଥିରେ ନଦୀତଟ ରକ୍ତରଞ୍ଜିତ ହୋଇଥିଲା ଓ କରୁଣାକରଙ୍କୁ ବନ୍ଦୀ କରିନେଇଥିଲେ ଇଂରେଜ । କେବଳ ସେତିକି ନୁହେଁ, ବରଂ ଏହାର ଯଥେଷ୍ଟ ପୂର୍ବରୁ ୧୫୫୦ରୁ ୧୬୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଭେଡ଼େନ ନଦୀକୂଳରେ ଭୋଗରାଗଡ଼ ନାମରେ ଏକ ରାଜ୍ୟ ବି ରହିଥିଲା । ଆଜି ବି ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଖନନ ସମୟରେ ଏହି ଅଞ୍ଚଳରୁ ସେଇ ସମୟର ରାଜମହଲର ପ୍ରମାଣ ମିଳେ । ଇତିହାସ ପୃଷ୍ଠାକୁ ଦେଖିଲେ ଏହି ନଦୀର ଆୟତନ ଯଥେଷ୍ଟ ଅଧିକ ରହିଥିଲା । ଏପରିକି ନଦୀର ବଣାଇରୁ ନେଇ ଖେରୁଆଲ୍ ମଧ୍ୟରେ ୩୦ରୁ ଅଧିକ ସ୍ଥାନରେ ଫେରିଡଙ୍ଗାରେ ଯାତ୍ରୀଙ୍କୁ ନେବା ଆଣିବା କରାଯାଉଥିଲା । ପୁରୁଣା ପୁସ୍ତକ ଓ ଲୋକକଥା ଅନୁସାରେ, ଖେରୁଆଲ ନଦୀର ଗଭୀରତା ୪୦ ଫୁଟ୍‌ରୁ ଅଧିକ ରହିଥିଲା । କିନ୍ତୁ, ୧୯୯୦ ମସିହା ପରଠାରୁ ଲଗାତାର ଭାବେ ଏହି ନଦୀକୁ ସଂକୁଚିତ କରିବା ପାଇଁ ଉଦ୍ୟମ ଜାରି ରହିଛି । ପରିବେଶବିତ୍ ?ଙ୍କ ମତରେ, ଶିଳ୍ପାନୁଷ୍ଠାନଗୁଡ଼ିକରୁ ବଡ଼ ବଡ଼ ପାଇପ୍ ଯୋଗେ ଅର୍ଦ୍ଧତରଳ ପାଉଁଶ ସ୍ଲରି ସିଧାସଳଖ ଭେଡ଼େନ ନଦୀକୁ ଛାଡ଼ି ଦିଆଯାଉଛି । ଫଳରେ, ସଙ୍ଗମସ୍ଥଳରୁ ଅଳ୍ପଦୂରରେ ନଦୀ ସଙ୍କୀର୍ଣ୍ଣ ହୋଇଯାଇଛି ।' ଏହି ନଦୀପୋତା ଅଭିଯାନରେ ରୋକ୍ ନଲାଗିଲେ ଏହାର ଅପମୃତ୍ୟୁ ନିଶ୍ଚିତ ବୋଲି ପରିବେଶ୍‌ବିତମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

# ପଟ୍ଟାମୁଣ୍ଡାଇ ଶୁଖୁଆ ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, ୩୦/୪ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଶୁଖୁଆ ବସ୍ତବାସିନ୍ଦାଙ୍କୁ ଥଇଥାନ ଦାବିରେ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପଟ୍ଟାମୁଣ୍ଡାଇ ବେଲତଳର ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ୩୦ଟି ପରିବାରର ୧୫୦ରୁ ଉର୍ଦ୍ଧ୍ୱ ଲୋକ ପିଲାଛୁଆଙ୍କୁ ଧରି ହିଂସ୍ର ଜନ୍ତୁଙ୍କ ଗହଣରେ ଘନ ଜଙ୍ଗଲ ପୂର୍ଣ୍ଣ ବେଲତଳସ୍ଥିତ ଶୁଖୁଆପଡା ବସ୍ତିର ବସବାସ କରି ଆସୁଛନ୍ତି । ୧୦ବର୍ଷ ପୂର୍ବରୁ ସରକାର ବସ୍ତିବାସିନ୍ଦା ଥଇଥାନ ଯୋଜନାରେ ଏହି ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ପଟ୍ଟାମୁଣ୍ଡାଇ ସ୍ମାର୍ଟ ପାର୍କ ନିକଟରେ ଗୃହ ନିର୍ମାଣ ପୂର୍ବକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ଥଇଥାନ କରିବାକୁ ପ୍ରତିଶୃତି ଦେଇଥିଲେ । ସେହି ସମୟରେ ତତକାଳୀନ ଜିଲ୍ଲାପାଳ, ତହସିଲଦାର, ପୌରନିର୍ବାହୀ ଅଧିକାରୀ, ପୋଲିସ ଅଧିକାରୀ ଓ ପୌର ପରିଷଦର କାଉନସିଲରମାନଙ୍କୁ ଏକ ବୈଠକରେ ସ୍ଥିର କରାଯାଇଥିଲା ଯେ ପର୍ଯ୍ୟନ୍ତ ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ଥଇଥାନ ନକରାଯାଇଛି ସେ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ହଇରାଣ ହରକତ କରାଯିବନାହିଁ । କିନ୍ତୁ ସେହି ବସ୍ତି ମଧ୍ୟ ଦେଇ ଏକ ରାସ୍ତା ନିର୍ମାଣ କରାଯିବାକୁ ସ୍ଥିର କରାଯିବା ପରେ ସଂପୃକ୍ତ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ପକ୍ଷରୁ ସେହି ବସ୍ତିକୁ ବିଭିନ୍ନ ସମୟରେ ଗୁଣ୍ଡା, ବଦମାସ ଓ ଅସାମାଜିକ ଲୋକଙ୍କୁ ପଠାଯାଇ ସେମାନଙ୍କୁ ଧମକଚମକ ଦିଆଯାଉଥିବା ଅଭିଯୋଗ ହୋଇଛି । ଏଥିସହିତ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ ସେହି ସଂସ୍ଥା କାଟି ନେଉଥିବା ସେମାନେ ଅଭିଯୋଗ କରିଛନ୍ତି । ବସ୍ତିବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ସେମାନଙ୍କୁ ଥଇଥାନ କରାନଯାଇ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କାଟିନେଲେ ସେମାନେ କିଭଳି ସେଠାରେ ବସବାସ କରିବେ । ପୋଲିସକୁ ଲଗାଇ ଯୋରଜବରଦସ୍ତି ସଂପୃକ୍ତ ଠିକାସଂସ୍ଥା ସେଠାରୁ ବଡ ବଡ ଗଛ କାଟିନେବାକୁ ଯୋଜନା କରିଥିବା ଅଭିଯୋଗ ହୋଇଛି । ବସ୍ତିବାସିନ୍ଦାମାନଙ୍କ ପକ୍ଷରୁ ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘର ସଭାନେତ୍ରୀ ଶ୍ୟାମଳି ଦାସ, ସମ୍ପାଦିକା ଆଶାଲତା ସୁତାର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦଳାଇ, ଝୁନା ସାହୁ, କବିତା ଭୋଇ, ସପନି ବେହେରା, ସଚିନା ତରାଇ, ଆରତୀ ସାହୁ, ରାଧାରାଣୀ ଭୋଇ, ସରସ୍ୱତୀ ମଣ୍ଡଳ, ମମତା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ନିବେଦନ କରି କହିଛନ୍ତି ଯେ ସେମାନେ ରାସ୍ତା ନିର୍ମାଣକୁ ବିରୋଧ କରୁନାହାନ୍ତି । କିନ୍ତୁ ପ୍ରଥମେ ସେମାନଙ୍କୁ ଥଇଥାନ କରାଯିବା ପରେ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କଟାଯାଇ ରାସ୍ତା ନିର୍ମାଣ କରାଯାଉ । ନଚେତ ସେମାନେ ରାଜରାସ୍ତାକୁ ଓହ୍ଲାଇ ଏଭଳି ଅନ୍ୟାୟ କାର୍ଯ୍ୟର ବିରୋଧ କରିବାକୁ ବାଧ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଭରିଲେ ଦୀଲିପ, ଶଙ୍କର ଓ ଦୁର୍ଗା

ରାଉରକେଲା, ୩୦/୪ (ନି.ପ୍ର): ଆଜି ରାଉରକେଲାରେ ପ୍ରାୟ ୩୫ ହଜାର ଜନତାଙ୍କର ବିଶାଳ ଶୋଭାଯାତ୍ରାରେ ଆସି ବିଧାୟକ ପ୍ରାର୍ଥୀ ଦିଲିପ ରାୟ ଓ ତାଙ୍କ ଦଳର ଶଙ୍କର ଓରାମ ଓ ଦୁର୍ଗା ତନ୍ତୀ ପାନପୋଷ ଉପଜିଲ୍ଲାପାଳଙ୍କ ଅଫିସରେ ନାମାଙ୍କନ ପତ୍ର ଭରିଥିବା ବେଳେ ସାଙ୍ଗରେ ଥିଲେ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ । ସକାଳୁ ସେକ୍ଟର ଠାରୁ ଆରମ୍ଭ କରି ବନ୍ଧ ମୁଣ୍ଡା, ବିଶ୍ରା ଛକ ଆଦି ରାସ୍ତାରେ ହଜାର ହଜାର ଲୋକଙ୍କର ଭିଡ ଜମିବା ସହ ଦିନ ପ୍ରାୟ ୧୦ଟା ବେଳକୁ ଟ୍ରଫିକ୍ ଜାମ୍ ଭଳି ସ୍ଥିତି ଉପୁଜିଥିଲା । ପେଟ୍ରୋଲ ଟାଙ୍କିରେ ଏତେ ଭିଡ ଯେ ସାଧାରଣ ଲୋକେ ତେଲ ପକାଇବାକୁ ଘଂଟା ଘଂଟା ବିଳମ୍ବ ହୋଇଥିଲା । ସମଗ୍ର ରିଂ ରୋଡ କୁ ଆଜି ଦିଲିପ ରାୟଙ୍କ ସମର୍ଥକ ମାନେ ରାଲି ବେଳେ ଭରପୁର କରି ରଖିଥିଲେ । ମୋଟର ସାଇକେଲ ଠାରୁ କାର୍ ଆଦିର ଏଭଳି ଭିଡ ଯାହା କି ଜଣେ ଜାତୀୟ ସ୍ତରର ନେତା ଆସିଲେ ମଧ୍ୟ ଏଭଳି ଭିଡ ଦେଖାଯାଏ ନାହିଁ ସେହଭଳି ଭିଡ ହୋଇଥିଲା । ପାନପୋଷ ଉପଜିଲ୍ଲାପାଳ ଅଫିସ ଓ ଉଦିତନଗର ଏରିଆରେ ପିଂପୁଡି ନଚାଲିବା ଭଳି ସ୍ଥିତି ଥିଲା । ଏଭଳି ଭିଡ ସକାଳୁ ଦିନ ପ୍ରାୟ ୧୨ଟା ଯାଏ ଲାଗି ରହିଥିବା ବେଳେ ପୁଲିସ ଲାଗି ମୁଣ୍ଡ ବ୍ୟଥାର କାରଣ ହୋଇଥିଲା । ତେବେ ଏହି ସମୟରେ ପାନ ଟା ଦୋକାନରେ ଦିଲିପ ଓ ସାରଦା ବାବୁଙ୍କୁ ନେଇ ବେଶ ଚର୍ଚ୍ଚା ଲାଗି ରହିଥିବା ଦେଖାଯାଇଥିଲା । ସମସ୍ତଙ୍କ ମୁହଁରେ ଗୋଟାଏ କଥା ଦିର୍ଘ ବର୍ଷପରେ ଦିଲିପ ରାଉରକେଲାରୁ ଠିଆ ହେବା ପରେ ଏଭଳି ଜନ ସମର୍ଥନ ତାଙ୍କ ପାଇଁ ରହିବା ନିଷ୍ଚୟ ହେଲେ ବିଜେଡିର ସାରଦାଙ୍କ ଲାଗି ଏହା ଚିନ୍ତାର ବିଷୟ ହେବ ।

# କଂଗ୍ରେସ ମହିଳା ସମାବେଶ: ଆମେ ଜିତିଲେ ଭୂମିହୀନ, ଜବରଦଖଲକାରୀଙ୍କ ଜମିପଟ୍ଟା ନିଶ୍ଚିତ କରାଯିବ : ସମରେନ୍ଦ୍ର

ବଲାଙ୍ଗୀର, ୩୦/୪ (ନି.ପ୍ର): ଗତ ୧୦ ବର୍ଷରେ ଦୁଇଟି ନିର୍ବାଚନରେ ଆପଣ ଆମ ପ୍ରୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ଦେଇଥିବା ଭୋଟର ମୁଲ୍ୟ ଏ ଅଂଚଳର ବିକାଶ ରୂପରେ ଆପଣମାନେ ଫେରି ପାଇଛନ୍ତି । ଶିକ୍ଷା, କ୍ରୀଡା, ରାସ୍ତା, ଜଳସେଚନ ଓ ସ୍ୱାସ୍ଥ୍ୟ ସେବା ଦିଗରେ ସରକାରଙ୍କ ଠାରେ ଲଢେଇ କରି ଅନେକ ପ୍ରକଳ୍ପ ସମ୍ପୁର୍ଣ୍ଣ କରାଯାଇଛି । ତେଣୁ ଆଗାମୀ ୫ ବର୍ଷରେ ଆମର ଲକ୍ଷ୍ୟ ହେଲା ଯେତେ ଜବରଦଖଲକାରୀ, ଭୂମିହୀନ, ଗରିବ ସରକାରୀ ଜାଗାରେ ଘରଖଣ୍ଡିଏ କରି ବସବାସ କରୁଛନ୍ତି ସେ ସମସ୍ତଙ୍କୁ ସେମାନେ ରହୁଥିବା ଜାଗାରେ ହିଁ ଜମିପଟ୍ଟା ପ୍ରଦାନ କରାଯିବ ବୋଲି ଗତ କାଲି ପୌରାଂଚଳ ଅନ୍ତର୍ଗତ ୱାର୍ଡ ନଂ.୩,୪,୬,୭ ଓ ୮ ର ବରପାଲିପଡା ଓ ହାଟପଦାପଡା ଠାରେ କଂଗ୍ରେସ ଦଳ ତରଫରୁ ଆୟୋଜିତ ମହିଳା ସମାବେଶ ରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ ମହାରାଣୀ ସାଗର, ଲକ୍ଷ୍ମୀଯୋର ଭଳି ଜଳଚର ଜମିରେ ଲୋକେ ବସତି ସ୍ଥାପନ କରିଛନ୍ତି ଯେହେତୁ ସେ ନିର୍ଦ୍ଦିଷ୍ଟ ଜଳଚର ଜମିରେ ଆଉ ପାଣିମାଡୁ ନାହିଁ । ସେହି ଜମିର କିସମ ପରିବର୍ତନ କରି ବସବାସ କରୁଥିବା ନାଁ ରେ ପଟ୍ଟା ପ୍ରଦାନ କରାଯାଉ ବୋଲି ବିଭାଗୀୟ ଗୃହ କମିଟି ଅଧକ୍ଷ ନରସିଂହ ମିଶ୍ର ବିଭାଗୀୟ ଅଧିକାରୀଙ୍କୁ ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ । ଉପସ୍ଥିତ ଥିବା ମହିଳାମାନଙ୍କୁ ସମରେନ୍ଦ୍ର କହିଥିଲେ ଜନ ବିରୋଧି ବିଜେଡି ସରକାର ଗରିବ ଜବରଦଖଲକାରୀଙ୍କ ପାଇଁ ୭ ବର୍ଷ ଜେଲର ବ୍ୟବସ୍ଥା ଆଣିଥିଲେ । ଯାହାକୁ କି ତତ୍‌କାଳିନ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବିରୋଧ କରିବା ଯୋଗୁଁ ରାଜ୍ୟପାଳଙ୍କ ଅନୁମୋଦନ ନ ପାଇ ବିଲଟି ଆଉ ଆଇନରେ ପରିଣତ ହୋଇପାରିଲା ନାହିଁ । ତେଣୁ ଭୂମିହୀନ ଜବରଦଖଲକାରୀମାନେ ନିଶ୍ଚିତ ହୋଇଯାଆନ୍ତୁ ଆପଣମାନଙ୍କ ସହିତ ନରସିଂହ ମିଶ୍ର ଅଛନ୍ତି । ଆପଣମାନେ ନିଶ୍ଚିତ ଭାବେ ରହୁଥିବା ଜମିର ପଟ୍ଟା ପାଇବେ ବୋଲି ସମରେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି । ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଓ ଜିଲ୍ଲା ମହିଳା ସଭାନେତ୍ରୀ ମିଳନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳର ଉଭୟ ବିଧାନସଭା ଓ ସାଂସଦ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ଅନୁରୋଧ କରିବା ସହିତ କଂଗ୍ରେସ ସରକାର ଗଠନ କଲେ ସମାଜର ପ୍ରତ୍ୟେକ ବର୍ଗ ଯଥା ଯୁବକ, ଛାତ୍ର, ମହିଳା, କୃଷକ, ଶ୍ରମିକ ତଥା ସାଧାରଣ ବର୍ଗ ସମସ୍ତ ଉପକୃତ ହେବେ ବୋଲି କହିଥିଲେ । ଉଭୟ ମହିଳା ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ରଜନି ବନଛୋର, ଅରବିନ୍ଦ ପରୁଆ, ପୂର୍ବତନ କାଉନସିଲର ଉପେନ ଦୀପ, କପିଳେଶ୍ୱର ଖମାରୀ, ଶୁଶାନ୍ତ ଷଡଙ୍ଗି, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୁଖ ମଂଚାସିନ ଥିଲେ ।

## ହାଇୱା ଧକ୍କାରେ ମୋଟର ସାଇକେଲ ଚାଳକ ମୃତ

ପଟ୍ଟାମୁଣ୍ଡାଇ, ୩୦/୪ (ନି.ପ୍ର): ପଟ୍ଟାମୁଣ୍ଡାଇ କଷଣଅଂଟା ନିକଟରେ ହାଇୱା ଧକ୍କାରେ ଜଣେ ମୋଟର ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଆଳି ବ୍ଲକ ଗୋପାଳପୁର ଗାଁ ର ଅଭିରାମ ମଳିକଙ୍କ ପୁଅ ବଂଟି ମଳିକ ।

ଆଜି ଦିନ ୧୦ ଟା ବେଳେ ଆଳି ଆଡୁ ଦ୍ରୁତ ଗତିରେ ଯାଉଥିବା ହାଇୱା ନଂ ଓଡ଼ି୦୪ଟି-୧୪୫୬ ର ଆଗ ଚକ ଫାଟି ଯିବାରୁ ଗାଡିଟି ଭାରସାମ୍ୟ ହରାଇ ମୋଟର ସାଇକେଲ ନଂ ଓଡ଼ି୨୯ଏମ-୬୫୪୮ କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଗୁରୁତର ବାଇକ୍ ଚାଳକଙ୍କୁ ଆମ୍ବୁଲାନ୍ସ ଯୋଗେ ପଟ୍ଟାମୁଣ୍ଡାଇ ମେଡିକାଲକୁ ନେଇଆସିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ପରକୀୟା ପ୍ରୀତି ନେଲା ଜୀବନ: ଶଶୁର ଘର ଲୋକେ ବୋହୂକୁ ମାରିଦେଲେ ବୋଲି ବାପଘର ପକ୍ଷରୁ ଅଭିଯୋଗ


ଲଙ୍ଗଳେଶ୍ୱର , ୩୦/୪ (ନି.ପ୍ର): ସିଂଲା ଥାନା ସାର୍ଥା ବିନ୍ଧା ଗ୍ରାମର ସୁକଦେବ ମଣ୍ଡଳ ର ଝିଅ ଅନିତା ମଣ୍ଡଳ ହଦଲୀ ଗୋଡି ଗ୍ରାମର ସୁକୁମାର ମଣ୍ଡଳ ପୁଅ ଝଣ୍ଟୁ ମଣ୍ଡଳକୁ ଭଲ ପାଇ ୨୦୨୧ ମସିହାରେ ବିବାହ କରିଥିଲେ । ଝିଅ ଗ୍ରାମର ଖକନ ମଣ୍ଡଳ, ସପନ ମଣ୍ଡଳ ଓ ପୁଅ ଗ୍ରାମର ମନୋଜ ମାନ୍ନା ଙ୍କ ସାହାଯ୍ୟରେ ୧୫ ବର୍ଷ ର ଝିଅ ଅନିତା ମଣ୍ଡଳ କୁ ତିନିଜଣ ଉଠାଇ ନେଇଥିଲେ । ଏ ଘଟଣା ବାବଦରେ ସିଂଲା ଥାନାରେ ଝିଅ ର ବାପା ୪୯/୨୦୨୧ ମୂଳେ ଏକ କେଶ କରିଥିଲେ। ନିୟମ ଅନୁସାରେ ଝିଅର ବିବାହ ବୟସ ହୋଇନଥିବାରୁ ପୋଲିସ ସହାୟତାରେ ଝିଅକୁ ବାପା ଆଣିବାକୁ ଯାଇଥିଲେ କିନ୍ତୁ ଝିଅ ସେତେବେଳେ କୁ ଗର୍ଭବତୀ ହୋଇଥିବା ଜାଣି ବାପା ଫେରି ଆସିଥିଲେ । ତିନିବର୍ଷ ସବୁ ଠିକ ଠାକ ଥିଲା ୨୬/୪/୨୦୨୪ ରେ ଝିଅ ଘରର ପଡୋଶୀ ଝିଅ ର କାକା ଭଗବାନ ମଣ୍ଡଳ କୁ ଫୋନ କରି କହିଲେ ତୁମ ଝିଅ ବାଲେଶ୍ୱର ଡାକ୍ତରଖାନା ରେ ଚିକିତ୍ସା ହେଉଛି । ଘର ଲୋକ ପହଁଚି ଝିଅକୁ ଘଟଣା ବିଷୟରେ ପଚାରିବାରୁ କହିଥିଲା ଶାଶୁ ଆମ ଗାଁ ର ମନୋଜ ମାନ୍ନା ସହିତ ଖରାପ କାମ କରୁଥିବାର ଦେଖିଥିଲି । ସେଥିପାଇଁ ମୁଁ କାଳେ କାହାରିକୁ କହିଦେବି ମୋତେ ସ୍ୱାମୀ, ଶାଶୁ, ଶଶୁର,ନଣଦ,ମଳାଶୁର, ମାଇଁ ଶାଶୁ,ଖୁଡିଶାଶୁ ଏମାନେ ମୋତେ ପିଟା ମରା କରି ଜୁର ଜବରଦସ୍ତ କରି ମୋ ପାଟିକୁ ଚିରିଧରୀ ବିଷ ପିଆଇ ଦେଇଛନ୍ତି । ଝିଅର ଅବସ୍ଥା କୁ ଦେଖି ଡାକ୍ତର କଟକ ବଡ ଡାକ୍ତରଖାନା କୁ ପଠାଇ ଦେଇଥିଲେ । କଟକରେ ଚିକିତ୍ସା ହେଉଥିବା ସମୟରେ ଝିଅଟିର ମୃର୍ତ୍ୟୁ ହୋଇଯାଇଥିଲା । ସିଂଲା ଥାନାରେ ଝିଅର ବାପା ଲିଖିତ ଅଭିଯୋଗ କରିଛନ୍ତି ଶାଶୁ ଘର ଲୋକେ ମିଶି ଝିଅକୁ ମାରିଦେଇଛନ୍ତି ବୋଲି । ନିୟମ ଅନୁସାରେ ଶବ ବ୍ୟବଚ୍ଛେଦ ପାଇଁ ବାପା ଘରର ଲୋକଙ୍କ ର ଆବଶ୍ୟକ ପଡିଲା, ତେବେ ପୁଅ ଘର ଲୋକେ ଝିଅର ଘରେ ପହଞ୍ଚି କାକୁତି ମିନତୀ କରି କଟକ ନେଲେ, ଶବ ବ୍ୟବଛେଦ ପରେ ଝିଅକୁ ତାର ବାପା ଘରକୁ ଆଣିବେ କହିବାରୁ ଦୁଇ ଜଣଙ୍କ ଭିତରେ ଯୁକ୍ତି ତର୍କ ହୋଇଥିଲା ପରେ ଅନିତାର ସ୍ୱାମୀ ଓ ଖୁଡି ଶାଶୁ ଗାଡିରେ ବସିଲେ, ଝିଅର ବାପା ଗାଡ଼ିରେ ବସିବାକୁ ଯିବାରୁ ତାକୁ ଧକ୍କା ଦେଇ ଶବକୁ ନେଇ କୁଆଡେ ଫେରାର ହୋଇଗଲେ ଆଜି ବିଶେଷ ସୂତ୍ରରୁ ଖବର ମିଳିଛି ଶବକୁ ପୁରୀ ସର୍ଗ ଦ୍ୱାରରେ ଦାହ କରାଯାଇଛି । ଏ ପ୍ରଯ୍ୟନ୍ତ ପୁଅର ବାପା, ମାଆ ଘରକୁ ଫେରି ନଥିବାରୁ ଯୋଗାଯୋଗ ହୋଇ ପାରିନାହିଁ । ତେବେ ମୃତ ଅନିତାର ଶବ ପଛରେ କିଛି ରହସ୍ୟ ଲୋଚି ରହିଥିବା ସାଧାରଣରେ ଆଲୋଚନା ହେଉଛି।



## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

କୋରେଇ, ୩୦/୪ (ନି.ପ୍ର): ପାଣିକୋଇଲି ଥାନା ତଥା କୋରେଇ ବ୍ଲକ କରଦା ପଂଚାୟତ ଅନ୍ତର୍ଗତ ରାଣିଗୋଡା ଗ୍ରାମର ବ୍ୟବସାୟୀ ପ୍ରେମାନନ୍ଦ ସାହୁଙ୍କ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ପ୍ରକାଶଯେ ସ୍ୱର୍ଗତ ସାହୁ ଜଣେ ସଫଳ ବ୍ୟବସାୟୀ ସହ ସ୍ଥାନୀୟ ଅଂଚଳରେ ତାଙ୍କର ବେଶ୍ ସୁନାମ ରହିଥିଲା । କିଛି ଦିନି ହେବ ସେ ପିଠି ଯନ୍ତ୍ରଣା ରୋଗରେ ପିଡିତ ଥିଲେ । ତାଙ୍କର ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିଲା । ତାଙ୍କ ମରଶରୀରକୁ ବୈତରଣୀ ନଦୀ ତଟ ବାରୁଣୀ ମହା ସ୍ମଶାନରେ ଶୋକାକୂଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ପ୍ରଶାନ୍ତ ମୁଖାଗ୍ନୀ ଦେଇଥିବା ବେଳେ ପରିବାରଜନ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ସେ ବ୍ୟବସାୟ କରୁଥିବା ରାଣିଗୋଡା ଛକ ବ୍ୟବସାୟୀ ସଂଘର ସଭାପତି ଭିକାରୀ ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଏକା ଶୋକସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ନାରାୟଣ ସାହୁ, ଭାସ୍କର ସାହୁ, କୀର୍ତି ସାହୁ, ସୁରେନ୍ଦ୍ର ଭୂୟାଁ, ନରେନ୍ଦ୍ର ସାହୁ, ବୁଲା ମହାରଣା, ବଳରାମ ଜେନା ଓ ଶ୍ୟାମ ସୁନ୍ଦର ଦାସ.ନଟବର ସାହୁ,ସଦାଶିବ ସାହୁ ପ୍ରମୁଖ ବ୍ୟବସାୟୀ ମାନେ ଉପସ୍ଥିତ ହୋଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ ।

## ଗାଳ୍ପିକ ଯଶୋବନ୍ତ ସାମଲଙ୍କର 'ଅଳ୍ପ ଗଳ୍ପ' ଉନ୍ମୋଚିତ




ଭୁବନେଶ୍ୱର, ୩୦/୪ (ନି.ପ୍ର): କଥାକାର ଡ଼ ଯଶୋବନ୍ତ ସାମଲଙ୍କର ଅଷ୍ଟମ ଗଳ୍ପ ସଂକଳନ 'ଅଳ୍ପ ଗଳ୍ପ 'ତା ୨୮.୪.୨୪ରିଖରେ ଭୁବନେଶ୍ୱର ସ୍ଥିତ ରେଡ଼କ୍ରସ ଭବନରେ ଉନ୍ମୋଚିତ ହୋଇଅଛି । ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ବେରଣ୍ୟ ଅତିଥିଭାବେ ବିଶିଷ୍ଟ କଥାକାର ଅଧାପକ ବିଶ୍ୱରଂଜନ ଏବଂ ଡ଼ ଗୌରହରି ଦାସ ଯୋଗଦାନ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସ୍ୱତନ୍ତ୍ର ସଚିବ କବି ମଧୁସୂଦନ ଦାସ ସଭାରେ ପୌରାହିତ୍ୟ କରିଥିବାବେଳେ ମଞ୍ଚ ପରିଚାଳନାକରିଥିଲେ କରିଥିଲେ ଡ଼ ଅଜୟ ତ୍ରିପାଠୀ । ଏହି ଅବସରରେ ପୁସ୍ତକଟିର ଆଲୋଚନା କରିଥିଲେ ଅଧାପକ ଡ଼ ବିରଞ୍ଚି କୁମାର ସାହୁ ଏବଂ ଗଳ୍ପ ପାଠ କରିଥିଲେ କବି ଇପ୍ସିତା ଷଡ଼ଙ୍ଗୀ, ଅଧାପକ ହରେକୃଷ୍ଣ ଦାସ । ଆୟୋଜିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ କବି ଏବଂ ଗାଳ୍ପିକା ପଦ୍ମାଳୟା ସାମଲ ଏବଂ ରଶ୍ମି ସାମଲ । ଅତିଥିମାନଙ୍କ ମତରେ, ଯେଉଁ ଗପ ପାଠକର ମନକୁ ଚାହଲାଇ ଦିଏ, ଆପଣାର କଥା ଭଳି ଲାଗେ ତାହାର ଆୟୁଷ ଦୀର୍ଘାସ୍ଥାୟୀ ହୋଇଥାଏ, ଏହା ଅଣୁ ଗଳ୍ପ ହେଉ ବା ଦୀର୍ଘଗପ ବୋଲି ମତ ବ୍ୟକ୍ତ କରିଥିଲେ । କଟକର ବିଦ୍ୟାପୁରୀ ପ୍ରକାଶନୀର ପ୍ରକାଶକ ଶ୍ରୀ ଜୀବାନନ୍ଦ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଜୁ ଜନତା ଦଳ ତରଫରୁ ବନ୍ଧୁ ମିଳନ ଓ କର୍ମୀ ସମାବେଶ

କେନ୍ଦ୍ରାପଡ଼ା, ୩୦/୪ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ କାକଟ ମଣ୍ଡପ ଠାରେ କେନ୍ଦ୍ରାପଡା ବ୍ଲକର ବିଜୁ ଜନତା ଦଳ ତରଫରୁ ବନ୍ଧୁ ମିଳନ ଓ କର୍ମୀ ସମାମେଶ ଜିଲ୍ଲା ସଭାପତି ଧିରେନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ସଭାପତି ଆଲୋକ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଲିଲିତା ଦାସ, ମଧୁଛନ୍ଦା ମହାନ୍ତି, ନିର୍ମଳା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ପ୍ରଦିପ୍ତ ମହାନ୍ତି, ବିଧାନସଭା ମଣ୍ଡଳୀ ସଂଯୋଜକ ଦୁର୍ଗାଶିଷ ମହାନ୍ତି, ଯୁବ ନେତା ରାଜେଶ ଦାସ, ରାଜ୍ୟ ସଂପାଦକ ରଞ୍ଜିତ କୁମାର ସାହୁ, ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ସୁମିତ୍ରା ପାଢୀ, ମାନସ ପରିଡା ପ୍ରମୁଖଙ୍କ ସମେତ କେନ୍ଦ୍ରାପଡା ବ୍ଲକର ଶତାଧିକ ବିଜେଡିର ଛାମୁଆ କର୍ମୀ ଓ ସଂଗଠକ ମାନେ ଉପସ୍ଥିତ ଥିଲେ । ପ୍ରାର୍ଥୀ ଗଣେଶ୍ୱର ବେହେରା ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ରେ ବିଜୁ ଜନତା ଦଳର ବିଧାନ ସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ବହୁ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ । ବିଜେଡିକୁ ଜିତାଇ ଆଣିବା ସଙ୍ଗେ ସଙ୍ଗେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ଗାଦିନସୀନ କରିବାକୁ ଉପସ୍ଥିତ କର୍ମୀ ଓ ସଂଗଠକ ମାନଙ୍କୁ ଅନୁରୋଧ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସ୍ତପୁର ସରପଂଚ ପ୍ରସନ୍ନ ରାଉତ, ଆୟବା ସରପଂଚ କାଦମ୍ବିନୀ ବିଶ୍ୱାଳ, କଂସାର ସରପଂଚ ସରୋଜିନୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମାନସ ପରିଡା, ଜିଲ୍ଲା ପରିଷଦ ସଭ୍ୟ ଅନନ୍ତ ସେଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଭକ୍ତିମୟୀ କର ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଯୁବ, ଛାତ୍ର, ସରପଂଚ, ନୋମିନୀ, ସମବାୟ ସମିତି ସଭାପତି ମାନଙ୍କ ତରଫରୁ ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ମଇ ପହିଲାର ବିଶ୍ୱ ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ସହରରେ ମଶାଲ ଶୋଭାଯାତ୍ରା



ବାଲେଶ୍ୱର, ୩୦/୪ (ନି.ପ୍ର): ବିଶ୍ୱ ଶ୍ରମିକ ଦିବସ ମଇ ପହିଲାକୁ ସ୍ୱାଗତ ଜଣାଇ ମଙ୍ଗଳବାର ସନ୍ଧ୍ୟାରେ ଶତାଧିକ ଶ୍ରମିକ କର୍ମଚାରୀମାନଙ୍କର ଏକ ମଶାଲ ଶୋଭାଯାତ୍ରା ଗୋଳାପୋଖରୀ ଛକରୁ ବାହାରି ସହର ପରିକ୍ରମା କରିବା ପରେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ପରେ ସମାପ୍ତ ହୋଇଥିଲା। ଟ୍ରେଡ଼୍‌ୟୁନିୟନ୍ ଆସୋସିଏସନ୍ କୋର୍ଡ଼ିନେସନ କମିଟି (ଟିୟୁଏସିସି) ଓ ୨୦୨୪ ମସିହା ମଇଦିବସ କମିଟି ଆହ୍ୱାନରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। 'ଲାଲ୍‌ଝଣ୍ଡାର ଜନ୍ମ ଦିବସ - ମଇଦିବସ', 'ମଇ ଦିବସର ଅମର ସହିଦ୍ - ଅମର ରହେ', 'ଦୁନିଆର ମଜଦୂର ଏକ ହୁଅ' ପ୍ରଭୃତି ସ୍ଲୋଗାନ ଦେଇ ଶୋଭାଯାତ୍ରାକାରୀମାନେ ସହର ପରିକ୍ରମା କରିଥିଲେ। ଟିୟୁଏସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ମଇଦିବସ କମିଟିର ସଂପାଦକ ଶରତ ଚନ୍ଦ୍ର ଦଳାଇ ଓ କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନାଙ୍କ ନେତୃତ୍ୱରେ ଶୋଭାଯାତ୍ରାକାରୀ ମାନେ ସହର ପରିକ୍ରମା କରିଥିଲେ। ପ୍ରତିରକ୍ଷା, ବ୍ୟାଙ୍କ୍, ବିଦ୍ୟୁତ୍, ଜୀବନବୀମା, ଉଠାଜଳସେଚନ, ପରିବହନ, ନିର୍ମାଣ ଶ୍ରମିକ, ରିକ୍ସା ଓ ଅଟୋ ଚାଳକ, ସ୍କିମ୍‌ୱାର୍କର, କାଠ କାରିଗର ଓ ବହୁ କଳକାରଖାନାର ଶ୍ରମିକ ପ୍ରତିନିଧିମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା କାଲି ମଇ ପହିଲା ଅପରାହ୍ନ ୫ଟାରେ ପ୍ରତିବର୍ଷ ଭଳି ବାଲେଶ୍ୱର ରେଳଷ୍ଟେସନରୁ ଏକ ମିଳିତ ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ହିଞ୍ଜିଳିରୁ ନାମାଙ୍କନ ଦାଖଲ....

ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ସମେତ ବହୁ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ ପରେ ସେଠାରୁ ସେ ହେଲିକପ୍ଟର ଯୋଗେ ସିଧାସଳଖ ଭୁବନେଶ୍ୱର ଫେରିଛନ୍ତି। ନବୀନ ଷଷ୍ଠଥର ପାଇଁ ହିଞ୍ଜିଳିରୁ ନିର୍ବାଚନ ଲଢୁଛନ୍ତି। ମେ ୨୦ରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଆସନ ପାଇଁ ମତଦାନ ହେବ । ଏହା ପୂର୍ବରୁ ୨୦୦୦,୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ସେ ବିପୁଳ ଭୋଟରେ ହିଞ୍ଜିଳିରୁ ବିଜୟୀ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ବାରିପଦା ଉତ୍ତପ୍ତ....

୪୪.୨ ଡିଗ୍ରୀ, କଟକରେ ୪୪.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୪.୨ ଡିଗ୍ରୀ, ଟିଟିଲାଗଡ଼ରେ ୪୪, ନୟାଗଡ଼ରେ ୪୪ ଡିଗ୍ରୀ, ନୂଆପଡ଼ାରେ ୪୪ ଡିଗ୍ରୀ, ଭଦ୍ରକରେ ୪୪ ଡିଗ୍ରୀ, ଭଦ୍ରକରେ ୪୪ ଡିଗ୍ରୀ, ବଲାଙ୍ଗିରରେ ୪୩.୭ ଡିଗ୍ରୀ, ଚାନ୍ଦବାଲିରେ ୪୩.୬ ଡିଗ୍ରୀ, ସମ୍ବଲପୁରରେ ୪୩.୪ ଡିଗ୍ରୀ, ଭବାନୀପାଟଣାରେ ୪୩.୨ ଡିଗ୍ରୀ ଓ ମାଲକାନଗିରିରେ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୪୩.୨ ଡିଗ୍ରୀ, ସୋନପୁରରେ ୪୩.୧ ଡିଗ୍ରୀ, କେନ୍ଦୁଝରରେ ୪୩ ଡିଗ୍ରୀ, ଖୋର୍ଦ୍ଧାରେ ୪୩ ଡିଗ୍ରୀ, ହୀରାକୁଦରେ ୪୨.୯ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୯ ଡିଗ୍ରୀ, ବରଗଡ଼ରେ ୪୨.୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୨.୧ ଡିଗ୍ରୀ, ଜଗତସିଂହପୁରରେ ୪୨ ଡିଗ୍ରୀ, ଫୁଲବାଣୀରେ ୪୧.୫ ଡିଗ୍ରୀ, ରାୟଗଡ଼ାରେ ୪୦.୨ ଡିଗ୍ରୀ, ନବରଙ୍ଗପୁରରେ ୪୦ ଡିଗ୍ରୀ, ଦେବଗଡ଼ରେ ୩୯.୫ ଡିଗ୍ରୀ,କୋରାପୁଟରେ ୩୮.୨ ଡିଗ୍ରୀ,ପୁରୀରେ ୩୫.୧ ଡିଗ୍ରୀ,ଗୋପାଳପୁରରେ ୩୩.୬ ଡିଗ୍ରୀ ଓ ପାରାଦୀପରେ ତାପମାତ୍ରା ୩୩.୬ ଡିଗ୍ରୀ କର୍ଡ କରାଯାଇଛି।

### ଅମିତ ଶାହ ଫେକ୍ ଭିଡିଓ....

ଏଥିରେ ଯଦି ଭାରତୀୟ ଜନତା ପାର୍ଟି ସରକାରକୁ ଆସେ ତେବେ ଏସସି / ଏସଟି ସଂରକ୍ଷଣ ବନ୍ଦ କରିବାକୁ ଅମିତ ଶାହା କହୁଥିବା ଦାବି କରାଯାଇଥିଲା। ପରେ ସେୟାର କରାଯାଉଥିବା ଭିଡିଓଟି ଫେକ୍ ବୋଲି ସ୍ପଷ୍ଟ ହୋଇଥିଲା। ଶାହଙ୍କ ଭାଷଣକୁ ଏଡିଟ୍ କରାଯାଇଥିବା ଜଣାପଡିଥିଲା। ମୂଳ ଭିଡିଓ ୨୦୨୩ତେଲେଙ୍ଗାନାରେ ଦିଆଯାଇଥିବା ଏକ ଭାଷଣର ଥିଲାଳ ଯେଉଁଥିରେ ଗୃହମନ୍ତ୍ରୀ ମୁସଲିମ କୋଟା ରଦ୍ଦ କରିବା ବିଷୟରେ କହିଥିଲେ।

### ମିଛ ଭିଡିଓ ପାଇଁ ପାଣ୍ଡିଆନ....

ଭୋଟବେଳେ ବିଜେଡି ସର୍ବଦା ନୂଆ ନୂଆ ବେଆଇନ କାର୍ଯ୍ୟ କରି ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଘଂନ କରିଆସୁଛି । ବିଜେଡି ନିର୍ବାଚନ ହାରିବା ଭୟରେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ବଦନାମ କରିବାକୁ ପଛାଇନାହିଁ। ଦେଶର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ମିଥ୍ୟା ଭିଡିଓ ସାମାଜିକ ଗଣମାଧମରେ ଘୁରି ବୁଲୁଛି। ଏହି ମିଥ୍ୟା ଭିଡିଓକୁ ଆଶ୍ରା କରି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଗୁମାସ୍ତାଙ୍କ ନିର୍ଦ୍ଦେଶରେ ନବରଙ୍ଗପୁରର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ କହିଛନ୍ତି, ଅମିତ ଶାହ ଗର୍ଜନ କରି କହୁଛନ୍ତି ରାଜ୍ୟରେ ଯେଉଁ ସଂରକ୍ଷଣ(କୋଟା) ଅଛି ତାହାକୁ କୁଆଡ଼େ ଉଠାଇଦେବେ । ଅମିତ ଶାହଙ୍କ ଏହି ଫେକ୍ ଭିଡିଓ କଂଗ୍ରେସ ତିଆରି କରିଥିଲା ଯାହାକୁ କଂଗ୍ରେସରୁ ଯାଇ ବିଜେଡିରେ ମିଶି ପ୍ରାର୍ଥୀ ହୋଇଥିବା ପ୍ରଦୀପ ମାଝୀ ପ୍ରଚାରବେଳେ ବ୍ୟବହାର କରିଛନ୍ତି । ନିଜକୁ ଆଦିବାସୀଙ୍କ ପୁଅ କହୁଥିବା ପ୍ରଦୀପ ମାଝୀ କଦ'ଣ ଫେକ୍ ଭିଡିଓ ଦେଖାଇ ରାଜ୍ୟରେ ହିଂସା କରିବାକୁ ଚାହୁଁଛନ୍ତି କି ? ଯେତେବେଳେ ରାଜ୍ୟ ସରକାର ଆଦିବାସୀମାନଙ୍କ ଜମିକୁ ପୁଞ୍ଜିପତିମାନଙ୍କ ହାତରେ ବିକ୍ରି କରିଦେବା ପାଇଁ କାନୁନ ଆଣିଥିଲେ ସେତେବେଳେ ବିଜେଡିର ସାଂସଦ ପ୍ରାର୍ଥୀ ପ୍ରାଦୀପ ମାଝୀ କୁଆଡ଼େ ଯାଇଥିଲେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ବିଜେଡି ଆଦିବାସୀ, କୃଷକ, ଦଳିତ ଓ ଓବିସି ବିରୋଧୀ ବୋଲି ଓଡ଼ିଶାବାସୀ ଜାଣିଛନ୍ତି । ପୂର୍ବରୁ ବିଜେଡି ଆଦିବାସୀଙ୍କ ଜମିକୁ ପୁଞ୍ଜିପତି ମାନଙ୍କୁ ବିକ୍ରି କରିବା ପାଇଁ ଚକ୍ରାନ୍ତ କରିଥିଲା ଯାହାକୁ ନେଇ ବିଜେପି ବିଧାନସଭାରେ ସ୍ୱର ଉଠାଇଥିଲା ଓ ବିଜେଡି ସରକାର ପଛକୁ ଘୁଂଚା ଦେଇଥିଲା । ଏବେ ପୁଣି ନିର୍ବାଚନ ସମୟରେ ସରଳ ଆଦିବାସୀମାନଙ୍କ ମନରେ ବିଷ ଭରିବା ପାଇଁ ବିଜେଡି ଚାହୁଁଛି । ବିଜୁ ଜନତା ଦଳର ନବରଙ୍ଗପୁରର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏକ ନିର୍ବାଚନୀ ସଭାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ନକଲି ଭିଡିଓ ଦେଖାଇ ବିଜେପିକୁ ଭୋଟ ନଦେବା ପାଇଁ କହୁଛନ୍ତି । ଏହା କେବଳ ଆଚରଣ ବିଧିର ଖୋଲା ଉଲଘଂନ ନୁହେଁ ବରଂ ଆଦିବାସୀମାନଙ୍କୁ ହିଂସା କରିବା ପାଇଁ ଉସକାଇବାର ଅପଚେଷ୍ଟା । ଜାତୀୟ ସ୍ତରରେ କଂଗ୍ରେସ ଓ ଓଡ଼ିଶାରେ ବିଜେଡି ଏବେ ଗୋଟିଏ ଡଙ୍ଗାରେ ବସି ଗୃହମନ୍ତ୍ରୀ ଅମିତ ଶାହଙ୍କର ନକଲି ଭିଡିଓ ନେଇ ଅପପ୍ରଚାର କରୁଛନ୍ତି । ଯେଉଁମାନେ ଏଭଳି ଶସ୍ତା ଏବଂ ମନ୍ଦ ଉପାୟରେ ରାଜନୀତି କରିବାକୁ ଯାଇ ଦେଶର ବାତାବରଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ସେମାନଙ୍କୁ ଗିରଫ କରିବା କରାଯାଉ ବୋଲି ବିଜେପି ଦାବି କରୁଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେପି ନେତ୍ରୀ କସ୍ତୁରୀ ମିଶ୍ର, ଦିଲୀପ ମଲ୍ଲିକ, ଅନିଲ ବିଶ୍ୱାଳ, ସୁଜିତ୍ କୁମାର ଦାସ, ପ୍ରଦୀପ ପଟ୍ଟନାୟକ ଓ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

### ଜମ୍ମୁ କଶ୍ମୀରରେ ଲଗାଣ ....

ତିନି ଦିନ ହେବ ବନ୍ଦ ରହିଛି। ସେପଟେ କୁପଓ୍ୱାଡାରେ ଜଳ ସ୍ତର ହ୍ରାସ ପାଇବା ପରେ ଲୋକମାନେ ନିଜ ନିଜ ଘରକୁ ଫେରିଛନ୍ତି। ତଥାପି ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁଧାର ଆସିପାରି ନାହି।ବିଭିନ୍ନ ଜିଲ୍ଲାରେ ସ୍କୁଲ୍-କଲେଜ ଛୁଟି ଘୋଷଣା କରାଯାଇଛି। କଶ୍ମୀର ୟୁନିର୍ଭସିଟିରେ ୩୦ ଏପ୍ରିଲରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି।

## ଘସିପୁରାରୁ ବିଜେପି ପ୍ରାର୍ଥୀ ହୋଇପାରନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର, ୩୦/୦୪ (ନି.ପ୍ର): ରାଜନୈତିକ ମହଲରେ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟୁଛି। ସେହି ଚର୍ଚ୍ଚାକୁ ଆଜି ବଳ ଦେଇଛନ୍ତି ଖୋଦ୍ ସୌମ୍ୟରଞ୍ଜନ ପଟ୍ଟନାୟକ। କେନ୍ଦୁଝର ଜିଲ୍ଲା ଘସିପୁରା ବିଧାନସଭା ଆସନରୁ ଲଢ଼ିପାରନ୍ତି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ଆଜି ସେ ଏନେଇ ଇଙ୍ଗିତ କରିଛନ୍ତି। ଘଟଗାଁ ମା' ତାରିଣୀଙ୍କ ଦର୍ଶନ ଅବସରରେ ଗଣମାଧ୍ୟମକୁ ସେ ଏନେଇ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଶ୍ରୀ ପଟ୍ଟନାୟକ କହିଛନ୍ତି, ଏଠାରୁ ଲଢ଼ିବାକୁ ବିଜେପି ତରଫରୁ ପ୍ରସ୍ତାବ ଆସିଛି। ଏଠାକାର ସ୍ଥାନୀୟ ଲୋକ ମଧ୍ୟ ମୋ ଉପରେ ଲଢ଼ିବା ଚାପ ପକାଉଛନ୍ତି। ଏନେଇ ମୋତେ ସଦ୍‌ବୁଦ୍ଧି ଦେବାକୁ ମା'ଙ୍କ ଦର୍ଶନ କରିବାକୁ ଆସିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଖଣ୍ଡପଡ଼ା ସଂପର୍କରେ ମଧ୍ୟ ରୋଚକ ମନ୍ତବ୍ୟ ଦେଇଛନ୍ତି ସୌମ୍ୟରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ବିଜେଡି ଏଯାଏ ଖଣ୍ଡପଡ଼ା ପାଇଁ ପ୍ରାର୍ଥୀ ଘୋଷଣା କରିନି। କାହିଁକି ପ୍ରାର୍ଥୀ ଘୋଷଣା କରିନି ? କ'ଣ ରହସ୍ୟ ରହିଛି ? ସେ ବିଷୟରେ ଜାଣିନି ବୋଲି ସୌମ୍ୟ କହିଛନ୍ତି। ସୂଚନା ଅନୁଯାୟୀ, ସୂଚନାରୁ ପ୍ରକାଶ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଆଜି ସକାଳେ ଶ୍ରୀକ୍ଷେତ୍ର ଯାଇଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପରେ କେନ୍ଦୁଝର ଜିଲ୍ଲାର ଆରାଧ୍ୟା ଦେବୀ ଘଟଗାଁ ମାତାରିଣୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଘଟଗାଁ ଯିବା ରାସ୍ତାର ରାମଚନ୍ଦ୍ରପୁର, ସାଇଁକୁଳ, ହସନପୁର, ଘସିପୁରା ଗୋହୀରା ଆଦି ବିଭିନ୍ନ ସ୍ଥାନରେ ଲୋକମାନେ ତାଙ୍କୁ ସ୍ୱାଗତ କରିଥିଲେ। ବିଜେପିରେ ସାମିଲ୍ ହୋଇ ଘସିପୁରା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବା ପାଇଁ ତାଙ୍କୁ ଲୋକମାନେ ଅପିଲ୍ କରିଥିଲେ।

## ଶୋଷ ମେଂଟାଉଛି ରେମାଳ ନଦୀ ଜଳ: ବସୁଧା ଯୋଜନା ଅଚଳ

ଘଟଗାଁ, ୩୦/୪ (ନି.ପ୍ର): ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ବେଳେ ଏହି ଯୋଜନା ସବୁ ପ୍ରାୟ ଅଧିକାଂଶ ସମୟରେ ପ୍ରଶାସନିକ ଅଧିକାରୀ ଓ ଦାୟୀତ୍ୱରେ ଥିବା କର୍ମଚାରୀ ମାନଙ୍କ ଆନ୍ତରିକତାର ଅଭାବ ଯୋଗୁ ଫେଲ ମାରୁଥିବା ବେଳେ ପ୍ରଚାର ବେଶି ହେଉଥିବା ଦେଖିବାକୁ ମିଳୁଛି। ଦୀର୍ଘ ୨୫ ବର୍ଷର ସ୍ଥିର ଶାସନରେ ବିକାଶର ଡେଙ୍ଗୁରା ପିଟୁଥିବା ବେଳେ ପ୍ରକୃତରେ ବିକାଶର ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି। ଘଷିପୁରା ବ୍ଲକ୍ ଦରଡିପାଳ ଗ୍ରାମରେ ଅଚଳ ହୋଇ ପଡିଥିବା ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ଏହା ସ୍ପଷ୍ଟ। ଉଦଘାଟନ ପରେ ଏହା ଅଚଳ ହୋଇପଡିଛି। ଯାହା ଫଳରେ ଗ୍ରାମବାସୀଙ୍କ ପାଇଁ ରେମାଳ ନଈର ଚୁଆ ପାଣି ଭରଷା ହେଇଥିବା ଦେଖିବାକୁ ମିଳିଛି। ଏ ହେଉଛି ରାଜ୍ୟ ସରକାରଙ୍କର ବଡ ବଡ ହୋଡିଂ ଓ କାନ୍ଥରେ ଯୋଜନାର ପ୍ରଚାର। ଆଉ ଏ ଦୃଶ୍ୟ ହେଉଛି ଦରଡିପାଳ ଗ୍ରମରେ ଅଚଳ ହୋଇ ପଡ଼ିଥିବା ବସୁଧା ଯୋଜନା ପ୍ରକଳ୍ପର ଦୃଶ୍ୟ ଘଷିପୁରାର ପୁର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ୨୦୧୩ ମସିହାରେ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ, ଆଉ ମାତ୍ର ୬ ଦିନ ପରେ ପାଇପ୍ ଫାଟିଯିବାରୁ ଅଚଳ ହୋଇଗଲା ପ୍ରକଳ୍ପ। ଯାହା ଫଳରେ ସେବେଠାରୁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ରେମାଳ ଜଳ ।

## ଗରିବ ହିତାଧିକାରୀଙ୍କ ପାଇଁ ଆସୁଥିବା ଚାଉଳ ନିମ୍ନ ମାନର ଅଭିଯୋଗ

ମାଲକାନଗିରି, ୩୦/୪ (ନି.ପ୍ର): ଗରିବ ହିତାଧିକାରୀଙ୍କୁ ସହାୟତା ଯୋଗାଇବା ସହ ଖାଦ୍ୟ ବାସ ଗୃହ ଓ ଅନ୍ୟାନ୍ୟ ସହାୟତା ଯୋଗାଉଛନ୍ତି ରାଜ୍ୟ ସରକାର । ଗରିବ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ ପଦକ୍ଷେପ ନିଆଯାଉଥିବା ବେଳେ ବିଶେଷ କରି ଲକ୍ଷ ଲକ୍ଷ ଗରିବ ପରିବାରକୁ ସରକାରଙ୍କ ପକ୍ଷରୁ ଚାଉଳ ଯୋଗାଇ ଦିଆଯାଉଛି । ଗରିବ ହିତାଧିକାରୀଙ୍କୁ ଯେପରି ଉଚିତ ପରିମାଣ ସହ ଉତମ ମାନର ଚାଉଳ ଯୋଗାଇ ଦିଆଯିବ ସେନେଇ ସରକାର ପଦକ୍ଷେପ ନେବା ସହ କୋଟି କୋଟି ଟଙ୍କା ବ୍ୟୟ ମଧ୍ୟ କରୁଛନ୍ତି । ତେବେ ସରକାରଙ୍କ ଏହିପରି ପଦକ୍ଷେପ ସତ୍ୱେ କିଛି ସ୍ଥାନରେ ସ୍ଥାନୀୟ ଅଧିକାରି ଓ ଚାଉଳ ଯୋଗାଣ ସଂସ୍ଥାର ଅବହେଳା ଯୋଗୁଁ ଲୋକଙ୍କୁ ଏହି ଚାଉଳ ସଠିକ ଭାବେ ମିଳି ପାରୁ ନଥିବା ଅଭିଯୋଗ ହୋଇ ଆସୁଛି । କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଚିନ୍ତଲୱାଡା ପଂଚାୟତରୁ । ଲୋକଙ୍କ ଅଭିଯୋଗ ଅନୁଯାୟୀ ଏହି ପଂଚାୟତରେ ଗରିବ ହିତାଧିକାରୀଙ୍କୁ ଦିଆଯାଉଥିବା ପିଡିଏସ ଚାଉଳର ମାନ ନିମ୍ନ ମାନର ହୋଇଥିବା ବେଳେ ଅନେକ ସମୟରେ ପୋକ ଲଗା ଚାଉଳ ମଧ୍ୟ ପ୍ରଦାନ କରାଯାଉଛି । ଯାହାକୁ ଖାଦ୍ୟ ରୂପେ ବ୍ୟବହାର କରିବା ପାଇଁ ହିତାଧିକାରୀ କୁଣ୍ଠାବୋଧ କରୁଥିବା ପ୍ରକାଶ କରିଛନ୍ତି । ତେବେ କେବଳ ଏତିକିରେ ସରି ନାହି ଅଭିଯୋଗ । ହିତାଧିକାରୀଙ୍କ ଅଭିଯୋଗ ପରେ ସ୍ଥାନୀୟ ପଂଚାୟତରେ ଚାଉଳ ପ୍ରଦାନ ପାଇଁ ନିଯୁକ୍ତ ହୋଇଥିବା କର୍ମଚାରୀ ମଧ୍ୟ ଏହି ଚାଉଳ ଯୋଗାଣକୁ ନେଇ ଅଭିଯୋଗ କରିଛନ୍ତି । ସେ କହିବା ଅନୁଯାୟୀ ହିତାଧିକାରୀଙ୍କୁ ପ୍ରଦାନ ଲାଗି ଆସୁଥିବା ଚାଉଳ ବସ୍ତା ଗୁଡିକରେ ସଠିକ ପରିମାଣର ଚାଉଳ ରହୁ ନାହି । ନିର୍ଧାରିତ ଓଜନ ଠାରୁ ୪ ରୁ ୫ କେଜି ପର୍ଯ୍ୟନ୍ତ ଚାଉଳ କମ ଆସୁଥିବା ବେଳେ ସେ କିପରି ରୂପେ ହିତାଧିକାରୀ ସଠିକ ଓଜନର ଚାଉଳ ପ୍ରଦାନ କରିବେ ତାହା ତାଙ୍କ ପାଇଁ କଷ୍ଟକର ହୋଇ ପଡୁଛି । ଏତେ ପରିମାଣର ଚାଉଳ କମିବା ତାଙ୍କ ପାଇଁ ପ୍ରତି ମାସ ମୁଣ୍ଡ ବଥାର କାରଣ ପାଲଟିଥିବା ସେ ଅଭିଯୋଗ କରିଛନ୍ତି । ତେବେ ଗରିବ ହିତାଧିକାରୀଙ୍କୁ ସରକାର ଉତମ ଖାଦ୍ୟ ଯୋଗାଇବା ପାଇଁ ଅନେକ ପଦକ୍ଷେପ ନେଉଥିବା ବେଳେ ଏପରି ଅଭିଯୋଗକୁ ନେଇ ଆମେ ମାଲକାନଗିରି ପ୍ରୋକ୍ୟୁରମେଂଟ ଇନ୍ସପେକ୍ଟର ସଞ୍ଜୀବ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, ଚାଉଳ ପରିମାଣ ସମ୍ପୂର୍ଣ୍ଣ ରୂପେ ଯାଂଚ କାରୀ ପ୍ରଦାନ କରାଯାଉଛି । ଯେଉଁ ସମୟରେ ଚାଉଳ ଗୋଦାମରେ ପହଂଚୁଛି ସେହି ସମୟରେ ଚାଉଳ ଓଜନ ହୋଇ ଦିଆଯାଉଛି ।

# ଉଦଳାରେ କର୍ମଜୀବି ମହିଳାଙ୍କ ପାଇଁ ଛାତ୍ରାବାସ ଜରୁରି ହୋଇ ପଡ଼ିଛି : ଜୟନ୍ତୀ ପଟ୍ଟନାୟକ

ଉଦଳା, ୩୦/୪ (ନି.ପ୍ର): କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଠାରେ କର୍ମଜିବି ମହିଳାଙ୍କ ପାଇଁ ଛାତ୍ରାବାସର ସୁବିଧା ନଥିବାରୁ ମହିଳା ମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ ଉଦଳା ଠାରେ ଏକ ଛାତ୍ରାବାସ ବର୍ତମାନ ଜରୁରି ହୋଇ ପଡ଼ିଛି ବୋଲି ଇନରହୁଇଲ କ୍ଲବ ଉଦଳାର ସଭାପତି ଜୟନ୍ତି ପଟ୍ଟନାୟକ ଜଣାଇଛନ୍ତି । ଆଜି ଏପ୍ରିଲ ୩୦ ତାରିଖ ମଙ୍ଗଳବାର ଦିନ କ୍ଲବ ତରଫରୁ ଗ୍ରୀଷ୍ମର ପ୍ରବାହ ଯୋଗୁଁ ଦହିସରବତ ଓ ଥଣ୍ଡା ପାନିୟ ବାଟୋଇ ମାନଙ୍କୁ ବଂଟନ କରାଯାଉଥିବା ସମୟରେ ସଭାପତି ଶ୍ରୀମତୀ ପଟ୍ଟନାୟକ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରିଛନ୍ତି । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇଥିବା ଅନ୍ୟ ମହିଳା ମାନେ ହେଲେ ସରିତା ରାଉତ, ମିନାକ୍ଷୀ ମହାନ୍ତି, ଅରୁପମା ମହାପାତ୍ର, ସୁଜାତା ବିଶ୍ୱାଳ, ପୁଷ୍ପଲତା ପଣ୍ଡା ଇତ୍ୟାଦି । ଗ୍ରୀଷ୍ମର ପ୍ରୋକୋପ ନକମିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ ତରଫରୁ ଘୋଷଣା କରାଯାଇଛି । ମହିଳା ମାନଙ୍କୁ ଆତ୍ମ ନିର୍ଭରଶିଳ କରିବା ପାଇଁ ଆଗାମି ଦିନରେ କ୍ଲବ ତରଫରୁ ଆହୁରି ଅନେକ କିଛି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୂଚନା ପ୍ରଦାନ କରାଯାଇଛି ।



# ପି.ଏମ.ଶ୍ରୀ ନବୋଦୟ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବ ୨୦୨୪




ବେତନଟୀ , ୩୦/୪ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା ବିଭାଗ ଆନୁକୂଲ୍ୟରେ ପ୍ରେରଣା ଉତ୍ସବ ୨୦୨୪ ପି.ଏମ. ଶ୍ରୀ ଜବାହାରଲାଲ ବିଦ୍ୟାଳୟ, ଶାଳବଣୀ ଠାରେ ବିଦ୍ୟାଳୟର ଅଧକ୍ଷ୍ୟ ମୋହନ ଦାସ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛିକ୍ଷ । ବିକଶିତ ଭାରତ ପ୍ରସଙ୍ଗରେ ପ୍ରବନ୍ଧ, ଚିତ୍ରାଙ୍କନ, କବିତା ଆବୃତ୍ତି ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ଚାରି ଘଟିକା ସମୟରେ ମୋଦନ ଦାସ ଗିରିଙ୍କ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୁର୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପବିତ୍ର ବାରିକ, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ବିଶିଷ୍ଟ ବକ୍ତା ଭାବରେ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦାନ କରି ବିକଶିତ ଭାରତ, ଶ୍ରେଷ୍ଠ ଭାରତ ଗଠନରେ ଛାତ୍ର ଛାତ୍ରୀ ମାନଙ୍କର ଭୂମିକା ପ୍ରସଙ୍ଗରେ ବିଶଦ ଭାବରେ ଆଲୋଚନା କରିଥିଲେ । ଏଥିରେ ମୟୁରଭଞ୍ଜ ଜିଲ୍ଲାର ୨୧ ବିଦ୍ୟାଳୟର ୩୯ ଜଣ ପ୍ରତି ଯୋଗୀ ଅଂଶ ଗ୍ରହଣ କରିଥିଲେ । ଅପରାହ୍ନ ୪ ଘଟିକା କୃତି ପ୍ରତି ଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ହିନ୍ଦୀ ଶିକ୍ଷକ ସୀତାରାମ ଯାଦବ । ଏଥିରେ ବିଦ୍ୟାଳୟର ଭବାନୀ ଶଙ୍କର ମହାପାତ୍ର, ଜିନତ ପରବିନ, ସୋନାଲି ପାଲ, ଏସ. ଏନ. ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ମୟୂରଭଞ୍ଜ ଜିଲ୍ଲା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତଦାରଖ ସମ୍ପର୍କିତ ବୈଠକ



ମୟୂରଭଞ୍ଜ, ୩୦/୪ (ନି.ପ୍ର): ଆସନ୍ତା ମଇ ୨୫ ତାରିଖରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ରାଜ୍ୟର ତୃତୀୟ ଏବଂ ଦେଶର ଷଷ୍ଠ ପର୍ଯ୍ୟାୟରେ ମତଦାନ ହେବ ଏବଂ ଜିଲ୍ଲାରେ ସପ୍ତମ ପର୍ଯ୍ୟାୟରେ ଜୁନ ୧ରେ ମତଦାନ ହେବ । ଏହି ପରିପେକ୍ଷୀରେ ନିର୍ବାଚନକୁ ଅବାଧ , ନିରପେକ୍ଷ , ଓ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ଏବଂ ନିର୍ବାଚନରେ ହେବାକୁ ଥିବା ଖର୍ଚ୍ଚ ବିଷୟରେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ଆଜି ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଗୃହରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଜାତୀୟ ଏବଂ ରାଜ୍ୟର ବିଭିନ୍ନ ରାଜନୈତିକ ଦଳ ମାନଙ୍କର ମୁଖପାତ୍ର ଏବଂ ପ୍ରତିନିଧି ମାନେ ଆସି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ସହିତ ଏ ବିଷୟରେ ଆଲୋଚନା କରିଥିଲେ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ପ୍ରଚାରରେ ବ୍ୟବହୃତ ଯାନବାହାନ, ବିଭିନ୍ନ ପ୍ରଚାର ପ୍ରସାର ମାଧମ, ଫଟୋଗ୍ରାଫି, ଭିଡିଓଗ୍ରାଫି ଏହି ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଶ୍ରୀ ମହାପାତ୍ର ସମସ୍ତ ରାଜନୈତିକ ଦଳ ଏବଂ ନିର୍ବାଚନରେ ହେବାକୁ ଥିବା ଖର୍ଚ୍ଚର ଅବଧି ଏବଂ ଖର୍ଚ୍ଚ ର ସଠିକ ହିସାବ ବିଷୟରେ ଏବଂ ପ୍ରଚାରରେ ଲାଗିବାକୁ ଥିବା ସମସ୍ତ ଜିନିଷ ପତ୍ରର ଅନୁକ୍ରମଙ୍କ ବିଷୟରେ ଆଲୋଚନା ହୋଇଥିଲା. ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗର ମହତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଆଞ୍ଚଳିକ ପରିବହନ ଅଧିକାରୀ, ଶ୍ରୀ ବିସ୍ୱରାଜ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ସହକାରୀ ଜିଲ୍ଲାପାଳ ଶ୍ରୀ ଶ୍ରୀକାନ୍ତ ନାଏକ, କୋଷାଧ୍ୟକ୍ଷ ଅଧିକାରୀ ଶ୍ରୀ ଆର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ବିଭାଗର ଚଢ଼ାଉ : ଦୁଇ ଜଣ ଗିରଫ



ବେତନଟୀ , ୩୦/୪ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଅଞ୍ଚଳ ରେ ବେତନଟୀ ଅବକାରୀ ବିଭାଗ ଓ ବାରିପଦା ମୋବାଇଲ ଟିମ ମିଳିତ ଭାବେ ଚଢାଉ କରି ଦେଶୀ ମଦ ଓ ମୋଟରସାଇକେଲ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ କୈଡିଖଣି ଗ୍ରାମର ଶଙ୍କର ମାରଣ୍ଡି , ଚାନ୍ଦଡିହା ଗ୍ରାମ ର ଦୁଃଖୁ ଟୁଡୁ ବୋଲି ଜଣାପଡିଛି। ଚଢ଼ାଉ ସମୟରେ ଦୁଇ ଜଣଙ୍କ ପାଖରୁ ମୋଟ ୨୯ ଲିଟର ଦେଶୀ ମଦ ଓ ମୋଟରସାଇକେଲ ଜବତ କରାଯାଇଛି। ଏହି ଚଢାଉ ରେ ବାରିପଦା ମୋବାଇଲ ଟିମ ର ସଦସ୍ୟ ଓ ବେତନଟୀ ଅବକାରୀ ଥାନା ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ବିଶ୍ୱ ନୃତ୍ୟ ଦିବସ ପାଳିତ



ବାଲେଶ୍ୱର, ୩୦/୪ (ନି.ପ୍ର): ସହରର ପଢୁଆଁପଦାସ୍ଥ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟରେ ଅଧକ୍ଷ ଡ. କମଳାକାନ୍ତ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ବିଶ୍ୱ ନୃତ୍ୟ ଦିବସ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ନୃତ୍ୟଶିଳ୍ପୀ ଅନସୂୟା ନାୟକ ମୁଖ୍ୟଅତିଥି, 'ସମାଜ'ର ବରିଷ୍ଠ ସାମ୍ବାଦିକ ଶଶିରଂଜନ ମଲ୍ଲିକ ମୁଖ୍ୟବକ୍ତା, ମହାବିଦ୍ୟାଳୟର ସଭାପତି ଡା. ଜୟନ୍ତ ଦାସ ଏବଂ ଉପସଭାପତି ସୁଧାଂଶୁ ଶେଖର ଦାସ ବରେଣ୍ୟ ଅତିଥି ଭାବେ ଯୋଗଦାନ କରି ବିଶ୍ୱ ନୃତ୍ୟଦିବସର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଗୀତିକାର ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ହରିମୋହନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୁରୁ ସତ୍ୟନାରାୟଣ ଦାଶଙ୍କ ନିର୍ଦ୍ଦେଶନାରେ ଶୀତଲ କର, ଆରାଧା ବେହେରା, ସାନିଧା ସିଂହ, ପୁନମ ଦାସ, ଦିବ୍ୟଜ୍ୟୋତି ତରାଇ, ଆଞ୍ଜେଲିନା ପାଣିଗ୍ରାହୀ, ଅଭିଧା ଅଭିସ୍ମିତା ପଟ୍ଟନାୟକ, ସମୀକ୍ଷା ସ ଓ ଆଦର୍ଶିନୀ ରଣା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ସତ୍ୟରଂଜନ ମହାନ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ସଂଜୀବ ବେହେରା ତବଲାରେ ସହଯୋଗ କରିଥିଲେ। ଉପାଧ୍ୟକ୍ଷ ବଂଶୀଧର ରଣା, ମନୋରଂଜନ ମହାନ୍ତି, ଅଜିତାନନ୍ଦ ଦେବଗୋସ୍ୱାମୀ, ଅଚ୍ୟୁତାନନ୍ଦ ଗୋଚ୍ଛାୟତ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହରର ବହୁ ଦର୍ଶକ, ଅଭିଭାବକ ଉପଭୋଗ କରିଥିଲେ।

## ବନ୍ଧ କେନାଲରେ ମାଛ ମାରୁଥିବା ବେଳେ ପାଣିରେ ବୁଡ଼ି ଧୀବର ମୃତ

ବାଲିଆପାଳ , ୩୦/୪ (ନି.ପ୍ର): ବାଲିଆପାଳ ଥାନା ପଞ୍ଚୁରୁଖି ବନ୍ଧ କେନାଲରେ ଗ୍ରାମର କାଳୀ ଚରଣ ଦଳାଇ (୪୫) ମାଛ, କଙ୍କଡା ମାରୁ ଥିଲେ। ବନ୍ଧ ରେ ହଠାତ୍ ଗୋଡ ଖସିଯିବାରୁ ସେ ଗଭୀର ଜଳରାଶିରେ ବୁଡ଼ି ଯାଇ ଥିଲେ। ପାଖ ପଡୋଶୀ ସେଠାରେ ପହଁଚି ତାଙ୍କୁ ପାଣିରୁ ଉଦ୍ଧାର କରି ଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କାଳୀ ଚରଣର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବସ୍ ଦୁର୍ଘଟଣାଗ୍ରସ୍ତ: ୬ ମୃତ, ୧୭ ଆହତ

ମୁମ୍ବାଇ, ୩୦/୪ ମହାରାଷ୍ଟ୍ରର ନାସିକ ଜିଲ୍ଲାରେ ମୁମ୍ବାଇ- ଆଗ୍ରା ହାଇୱେର ଚାଂଦବଡ଼ ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୧୦ଟା ସମୟରେ ରୋଡ଼ୱେଜ୍ ବସ୍ ର ଟାୟାର ଫାଟିବା ଫଳରେ ୬ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ପ୍ରାୟ ୧୭ ଜଣ ଆହତ ହୋଇଛନ୍ତି ।

# ୪୦ବର୍ଷ ପରେ ଲାଲଗଡ଼ରେ ସି.ପି.ଆଇ ଦେଲା ବିଧାୟକ ପ୍ରାର୍ଥୀ



ନୀଳଗିରି , ୩୦/୪ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳ କମିଟି ନେତୃତ୍ୱରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସାଧାରଣ ବୈଠକ ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ନୀଳଗିରି ଏନ.ଏ.ସି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସାଧାରଣ ବୈଠକରେ ସିପିଆଇର ଜାତୀୟ ପରିଷଦ ସଦସ୍ୟ ଆଶିଷ କାନୁନଗୋ, ରାଜ୍ୟ ସହ ସମ୍ପାଦକ ଡକ୍ଟର ପ୍ରଶାନ୍ତ ମିଶ୍ର, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ମୟୁରଭଞ୍ଜ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ରାଜ୍ୟ କଣ୍ଟ୍ରୋଲ କମିଶନର ମାୟାଧର ନାୟକ, ରାଜ୍ୟ ପରିଷଦ ସଦସ୍ୟ ଅନାମ ପ୍ରସାଦ ବାରିକ, ଜୋନ ସମ୍ପାଦକ ବିଜୟ ସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠି, ସମିତିସଭ୍ୟ ଭୋଳାନାଥ ମାଝୀ, ଆଦିବାସୀ ନେତା ଜଗନ୍ନାଥ ଟୁଡୁ, ଉତ୍କଳ ମହିଳା ସମିତି ପୂର୍ବତନ ରାଜ୍ୟ ସମ୍ପାଦିକା ପ୍ରଭାବତୀ ଦାସ, ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଉପସ୍ଥିତ ହୋଇ ର୍ନିବାଚନ ମଣ୍ଡଳୀ ସ୍ତରୀୟ ଦକ୍ଷ ସଦସ୍ୟ ସଦସ୍ୟା ମାନଙ୍କୁ ନିର୍ବାଚନ ଲଢ଼ିବାର କୌଶଳ ପ୍ରଦାନ କରିଥିଲେ । ବୈଠକ ପ୍ରାରମ୍ଭରେ ନୀଳଗିରି ବିଧାନସଭାର ସିପିଆଇ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦୀ କରିବା ପାଇଁ ନିଷ୍ପତି ହୋଇଥିବା ବିଧାୟକ ପ୍ରାର୍ଥୀ ଅଜୟ କୁମାର ପଟ୍ଟନାୟକଙ୍କୁ ଲାଲ ରଙ୍ଗ ଉତ୍ତରୀୟ ପ୍ରଦାନ କରି ଜାତୀୟ ପରିଷଦ ସଦସ୍ୟ ତଥା ରାଜ୍ୟ ନେତୃତ୍ୱ ଆଶିଷ କାନୁନଗୋ ସମ୍ବର୍ଦ୍ଧିତ କରିଥିଲେ । ଆଲୋଚନାରେ ଭାଗ ନେଇ ରାଜ୍ୟ ନେତୃତ୍ୱ ରାଜ୍ୟରେ ଏକ ସ୍ଥାଣୁ ସରକାର ଦୀର୍ଘ ୨୪ ବର୍ଷ ଶାସନ କରିଥିବା ବେଳେ ନୀଳଗିରିକୁ ସମ୍ପୂର୍ଣ ଅବହେଳା କରାଯାଇଛି ବୋଲି ବକ୍ତବ୍ୟରେ କହିଥିଲେ। ଅନ୍ୟପଟେ କେନ୍ଦ୍ରରେ ମିଛୁଆ, ଅହଙ୍କାରୀ, ମୋଦି ସରକାରଙ୍କ ବିଫଳତା ଓ ନୀଳଗିରି ରୁ କେନ୍ଦ୍ର ମନ୍ତ୍ରୀ ଥାଇ ନୀଳଗିରିରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ନକରି ହାତୀ କରିଡର ନାଁ ରେ ଆଦିବାସୀଙ୍କୁ ଦାଦନ ଶ୍ରମିକ କରାଇ ତାଙ୍କର ପୁରୁଷାନୁକ୍ରମିକ ଜମୀ କୁ ଔଷଧୀୟ ବୃକ୍ଷ ରୋପଣ ନାଁ ରେ କମ୍ପାନୀ ହାତ କୁ ଟେକି ଦେବା କୁ ଦୃଢ ନିନ୍ଦା କରିବା ସହିତ ଏନଆରସି ଓଡିଶା ରେ କରେଇ ନଦେବା ସମେତ ଆଦିବାସୀ ମୂଲିଆ ଚାଷୀ ମାନଙ୍କ ର ସମସ୍ୟା କୁ ତୋଳି ଧରି ଗଣ ଆନ୍ଦୋଳନ କରିବା ଯୁଗୁ ସିପିଆଇ ୪୦ ବର୍ଷ ପରେ ଲୋକଙ୍କ ମନ ରେ ଆଦରଣୀୟ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ନୀଳଗିରି ନିର୍ବାଚନ ମଣ୍ଡଳୀ ରେ ଲଗାତାର ଭାବେ ଗଣ ଆନ୍ଦୋଳନ ଗଢି ଉଠିଥିବାରୁ ବିଧାୟକ ପ୍ରାର୍ଥୀ ଆବଶ୍ୟକ ଅଛି ବୋଲି ପରାମର୍ଶ ଦେଇଥିଲେ, ଏହି କର୍ମୀ ସମ୍ମିଳନୀ ରେ ବିଧାୟକ ପ୍ରାର୍ଥୀ ଅଜୟ କୁମାର ପଟ୍ଟନାୟକ ପ୍ରକାଶ କଲେ କି ସେ ଛାତ୍ର ଜୀବନ ରୁ କମ୍ୟୁନିଷ୍ଟ କାର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ପ୍ରଥମେ ସିପିଏମ ରେ ଯୋଗ ଦେଇଥିଲେ, ସିପିଏମ ନୀଳଗିରି ଗଣ ଆନ୍ଦୋଳନ ରୁ ଦୁରେଇ ଯିବାରୁ ସିପିଆଇ ମୁହୁର ମୁହୁ ସାଧାରଣ ମଣିଷ ଚାଷୀ, ମୂଲିଆ, ଶ୍ରମିକ, ମହିଳା ମାନଙ୍କ ସମସ୍ୟା କୁ ନେଇ ଆନ୍ଦୋଳନ ଜାରି ରଖିଥିବା ରୁ ସିପିଆଇ ଦଳ ପ୍ରତି ଆକୃଷ୍ଟ ହୋଇଥିଲେ, ବିଧାୟକ ଭାବେ ଲଢ଼ିବା ସହିତ ଚାଷୀ, ମୁଲିଆ, ଭୂମିହୀନ, ଘର ଡିହ ବିହୀନ ଆଦିବାସୀ, ଦଳିତ ବର୍ଗ ପାଇଁ ଲଢେଇ ଜାରି ରଖିବେ ବୋଲି ମତ ଦେଇଥିଲେ, ଏହା କମ୍ୟୁନିଷ୍ଟ ପାର୍ଟି ର ସଂଗଠନ ମାନଙ୍କୁ ଅଧିକ ଉତ୍ସାହିତ କରିଥିଲା ଶେଷ ରେ ଆଗାମୀ ମେ୮ ତାରିଖ ଦିନ ସିପିଆଇ ଦଳ ତରଫରୁ ପ୍ରାର୍ଥୀ ପତ୍ର ଦାଖଲ କରିବକୁ ଘୋଷଣା କରିଥିଲେ।

## ରାଜ୍ୟରେ ଅଂଶୁଘାତରେ ୩୬୭ ଆକ୍ରାନ୍ତ: ୨ ମୃତ

ଭୁବନେଶ୍ୱର, ୩୦/୪ (ନି.ପ୍ର): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ରାଜ୍ୟରେ ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ସୁଦ୍ଧା ୩୬୭ ଅଂଶୁଘାତ ରୋଗୀ ବିଭିନ୍ନ ମେଡିକାଲରେ ଭର୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୬୦ ଜଣ ଏବଂ ମୟୂରଭଞ୍ଜରେ ୫୦ ରୋଗୀ ରହିଛନ୍ତି। ସେହିପରି ସରକାରୀ ଭାବେ ଏ ପର୍ଯ୍ୟନ୍ତ ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଅଂଶୁଘାତରୁ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଅତ୍ୟଧିକ ଖରା ଯୋଗୁଁ ସନବର୍ଣ୍ଣ ଭଳି ଚର୍ମ ରୋଗ ହୋଇପାରେ। ପିକ ଆୱାରରେ ଘରେ ରୁହନ୍ତୁ। ଖରାରେ ଛୋଟ ପିଲା, ବୃଦ୍ଧ, ଗର୍ଭବତୀ ମହିଳାଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

# ନୀଳମଣି କଲେଜ ପଦାର୍ଥ ବିଜ୍ଞାନ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ବସ୍ତା, ୩୦/୪ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରା ଅଧକ୍ଷତା କରି କଠିନ ଅଧ୍ୟବସାୟ ଓ ପରିଶ୍ରମ ଦ୍ୱାରା ଭବିଷ୍ୟତ ଜୀବନରେ ସଫଳତା ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ଅଧାପକ ଜୟକୃଷ୍ଣ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଗୋପାଳପୁର ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ ଉଚ୍ଚ ଅଧ୍ୟୟନ ପାଇଁ ଛାତ୍ର ଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଅଧାପକ ଗୌରାଙ୍ଗ ପଣ୍ଡା ମଞ୍ଚାସିନ ହୋଇ ଆତ୍ମବିଶ୍ୱାସ ହିଁ ସଫଳତାର ମାର୍ଗ ବୋଲି ବକ୍ତବ୍ୟରେ କହିଥିଲେ । ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବାର୍ଷିକ ଛାତ୍ରୀଛାତ୍ରମାନେ +୩ ଶେଷବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅଶୋକ ମଢୁଆଳ, କମଳକୃଷ୍ଣ ଦାସ, ଅଭିଜିତ ସେନାପତି, ନିର୍ମଳ ନାୟକ, ବ୍ରଜକିଶୋର ଦାସ, ଚିନ୍ମୟ ଗିରି, ଅବିନାଶ ବେହେରା ଓ ଲିପସା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତ ପ୍ରତିଶତ ଭୋଟ୍‌ଦାନ ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନନ୍ୟ ପ୍ରୟାସ

ବାଲେଶ୍ୱର, ୩୦/୪ (ନି.ପ୍ର): ଶତ ପ୍ରତିଶତ ଭୋଟଦାନ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଅନନ୍ୟ ପ୍ରୟାସ । ଅନ୍ତର୍ଭୁକ୍ତିକରଣ ନିର୍ବାଚନ ନିମନ୍ତେ ପ୍ରତୀକାତ୍ମକଭାବେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ କରୁଥିବା ବୟସ୍କ ଭୋଟର, ଭିନ୍ନକ୍ଷମ, ମହିଳା ଓ କିନ୍ନର ମତଦାତାଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ରଖିଛି ଜିଲ୍ଲା ପ୍ରଶାସନ । ଏହି ପରିପ୍ରେକ୍ଷୀରେ ଗତ ତା ୨୯ ରିଖ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ସଦର ବିଡ଼ିଓ ଶ୍ରୀ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୌଶିକ ପାତ୍ର ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ କୃଷ୍ଣ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏକ ଜନସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କୌଣସି ଭୋଟର ଯେପରି ପଛରେ ନପଡ଼ନ୍ତି ସେଥିପ୍ରତି ପ୍ରଶାସନର ନିଷ୍ଠାକୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଗାମୀ ନିର୍ବାଚନରେ ମତଦାନ କରିବା ପାଇଁ ସମସ୍ତ ଅତିଥିମାନେ ସଙ୍କଳ୍ପ ନେଇଥିଲେ। ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ମତଦାନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ମଞ୍ଚାସୀନ ଅଧିକାରୀମାନେ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆମ ଜିଲ୍ଲା ଓ ରାଜ୍ୟର ଭବିଷ୍ୟତ ଗଠନରେ ପ୍ରତ୍ୟେକ ଭୋଟର ଗୁରୁତ୍ୱ ରହିଛି। ପ୍ରତିବନ୍ଧକକୁ ଭାଙ୍ଗି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଭାବେ ଭାଗ ନେବା ପାଇଁ ସମାଜର ସବୁ ବର୍ଗକୁ ସଶକ୍ତ କରିବା ଆବଶ୍ୟକ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ମତ ପ୍ରକାଶ କରିଥିଲେ । ଏଠାରେ ସୂଚନା ଥାଉ କି ଏହି ସଚେତନତା ସଭା ଜିଲ୍ଲାର ବ୍ୟାପକ ସ୍ୱୀପ କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ କରାଯାଇଥିଲା ଯେଉଁ ଥିରେ ସମାଜର ବିଭିନ୍ନ ବର୍ଗର ୧୦୦ ରୁ ଉର୍ଦ୍ଧ୍ୱ ଜଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ଓ ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଜିଲ୍ଲାରେ ଏହି ଭଳି ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo